## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଧରାକୋଟ,୨୧।୧୧(ଡି.ଏନ୍.ଏ.)-ବଡ଼ଗଡ଼ ଥାନା ଅନ୍ତର୍ଗତ ବାହାଁରପୁର ପଞ୍ଚାୟତ ଡାକିବଜା ଗ୍ରାମର ଭୂଷଣ ନାଇକ(୫୫)ଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ଭୂଷଣ ୧୮ ତାରିଖରେ ପୋଖରୀରେ ଶୌଚ ହେବା ପାଇଁ ଘରୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ଗତ ୪ଦିନ ଧରି ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ସୋମବାର ସକାଳୁ ମୃତଦେହ ପାଣିରେ ଭାସୁଥିବା ଗ୍ରାମବାସୀ ଦେଖି ପରିବାର ଲୋକଙ୍କୁ ଖବର ଦେଲାପରେ ପୋଲିସ ଉପସ୍ଥିତିରେ ପୋଖରୀରୁ ଭୂଷଣଙ୍କ ମୃତଦେହ ଜବତ କରାଯାଇଛି। ଏ ନେଇ ବଡ଼ଗଡ଼ ଥାନାରେ ନଂ.୨୮/୨୨ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ପୂର୍ବତନ ଜିଲା ପରିଷଦ ସଭ୍ୟଙ୍କ ପରଲୋକ

ପୋଲସରା,୨୧।୧୧(ଡି.ଏନ.ଏ.)-ଗଞ୍ଜାମ ଜିଲାର ୩୮ନଂ. ଜୋନ୍‌ର ପୂର୍ବତନ ଜିଲା ପରିଷଦ ସଭ୍ୟ ଶରତ ଚନ୍ଦ୍ର ପ୍ରଧାନଙ୍କ ବିୟୋଗ ଘଟିଛି। ଗତ ଦୁଇ ଦିନ ପୂର୍ବରୁ ସେ ଅସୁସ୍ଥ ଥିବାରୁ ବ୍ରହ୍ମପୁର ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶରତଚନ୍ଦ୍ର ୨୦୧୨-୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୩୮ନଂ. ଜୋନ୍‌ରୁ ଜିଲା ପରିଷଦ ଭାବେ ନିର୍ବାଚିତ ହୋଇଥିଲେ। ସେ ଜାତୀୟ କଂଗ୍ରେସ ଦଳର ଜଣେ ଟାଣୁଆ ନେତା ଭାବେ ଅଞ୍ଚଳରେ ଖ୍ୟାତି ଅର୍ଜନ କରିଥିଲେ। ମୃତ୍ୟୁ ସମୟରେ ତାଙ୍କର ପୁତ୍ର ତଥା ସୋଡକ ସରପଞ୍ଚ ଉତ୍କଳ ପ୍ରଧାନ ଓ କଳିଙ୍ଗ ପ୍ରଧାନ, ପୁତ୍ରୀ ଅନସୂୟାଙ୍କ ସମେତ ପରିବାର ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ। ମୃତଦେହକୁ ଗ୍ରାମରେ ପରିକ୍ରମା କରିବା ପରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା କରାଯାଇଥିଲା।

### ମତାଝରି ବିଦ୍ୟାଳୟରେ ପୋଷାକ ବିତରଣ ମେଳା

ବୁଗୁଡା,୨୧।୧୧(ଡି.ଏନ.ଏ.)-ବୁଗୁଡ଼ା ବ୍ଲକ ମତାଝରି ଗ୍ରାମସ୍ଥ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୀନବନ୍ଧୁ ନାଇକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଆର୍‌ସିସି ଆଶୁତୋଷ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ତାକରଡା ସରପଞ୍ଚ ଦିଲୀପ ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ପୂର୍ବକ ପୋଷାକ ବିତରଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉପେନ୍ଦ୍ର ସାହୁ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପରିଶେଷରେ ସହକାରୀ ଶିକ୍ଷୟିତ୍ରୀ ସୁଚିତ୍ରା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ସୁରକ୍ଷାରେ ସମେଟିଭ୍ ଆସେସ୍‌ମେଣ୍ଟ-୧ର ପ୍ରଶ୍ନପତ୍ର

ବୁଗୁଡ଼ା,୨୧।୧୧(ଡି.ଏନ.ଏ.)-ଚଳିତ ମାସ ୨୩ ତାରିଖରୁ ଆରମ୍ଭ ହେବାକୁ ଥିବା ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସମେଟିଭ୍ ଆସେସ୍‌ମେଣ୍ଟ-୧ର ପ୍ରଶ୍ନପତ୍ର ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ନୋଡାଲ ସେଣ୍ଟରରେ ପୋଲିସ ପହରା ସହ କଡା ସୁରକ୍ଷା ମଧରେ ରହିଛି। ଏହି ନୋଡାଲ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଶିକ୍ଷକ ଶଙ୍କର ଦାଶ ଓ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ତପନ କୁମାର ପାଢ଼ୀ ରହିଛନ୍ତି। ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ୨୭ ଉଚ୍ଚ ବିଦ୍ୟାଳୟର ମୋଟ ୧୭୩୫ ଛାତ୍ରୀଛାତ୍ର ୧୦ କେନ୍ଦ୍ରରେ ଏହି ପରୀକ୍ଷା ଦେବା ନେଇ ଜଣାପଡ଼ିଛି।

# ଘୁମୁସର ଜିଲା ଆନ୍ଦୋଳନ ତେଜିଲା

## କଂଗ୍ରେସ, ଖବରଦାତା ସଂଘ ଆନ୍ଦୋଳନକୁ ଓହ୍ଲାଇଲେ

ଭଞ୍ଜନଗର,୨୧।୧୧(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁରକୁ ନୂଆ ଜିଲା କରିବା ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିଛିଦିନ ପୂର୍ବେ ପ୍ରତିଶ୍ରୁତି ଦେଇଛନ୍ତି। ଏଭଳି ସ୍ଥିତିରେ ଗଞ୍ଜାମ ଜିଲାର ଭଞ୍ଜନଗର ଉପଖଣ୍ଡକୁ ଘୁମୁସର ଜିଲା ଓ ଆଉ କେତେକ ଅଞ୍ଚଳରେ ନୂଆ ଜିଲା ଦାବି ନେଇ ଆନ୍ଦୋଳନ ମୁଣ୍ଡ ଟେକିଛି ।

ଘୁମୁସର ଜିଲା ଘୋଷଣା ପାଇଁ ୨୯ବର୍ଷ ହେବ ଆନ୍ଦୋଳନ ଚଳାଇଥିବା ଭଞ୍ଜନଗର ଉପଖଣ୍ଡବାସୀ ବର୍ତ୍ତମାନ ପୁଣି ଦାବି ଦୋହରାଇବା ଆରମ୍ଭ କରିଦେଇଛନ୍ତି । ସୋମବାର କଂଗ୍ରେସ ଦଳ, ଭଞ୍ଜନଗର ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଭଞ୍ଜନଗର ଗସ୍ତରେ ଆସିଥିବା ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଭେଟି ଘୁମୁସର ଜିଲା ଘୋଷଣା ଲାଗି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ପୂର୍ବରୁ




ଦାବିପତ୍ର ପ୍ରଦାନ ପାଇଁ କଂଗ୍ରେସ ନେତାମାନେ ଯାଉଛନ୍ତି ।

ଶନିବାର ସ୍ଥାନୀୟ ନାୟକ ଭବନ ପରିସରରେ ହୋଇଥିବା ବରିଷ୍ଠ ନାଗରିକ ମଞ୍ଚ ବୈଠକରେ ମଧ ଜିଲା ଘୋଷଣା ଦାବି ନେଇ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ବିଭିନ୍ନ ସଙ୍ଗଠନକୁ ନେଇ ଆନ୍ଦୋଳନକୁ ଜୋରଦାର କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହାପୂର୍ବରୁ ବାର୍ ଆସୋସିଏଶନ କାର୍ଯ୍ୟକାରିଣି ବୈଠକରେ ମଧ ଘୁମୁସର ଜିଲା ଆନ୍ଦୋଳନ କିଭଳି ସଫଳ ହେବ ସେନେଇ ମୌଖିକ ଆଲୋଚନା ହୋଇଛି। ଆଗାମୀ ଦିନରେ ଆଉ କିଛି ସଙ୍ଗଠନ ଘୁମୁସର ଜିଲା ଦାବି ଆନ୍ଦୋଳନରେ ସାମିଲ ହେବା ସମ୍ଭାବନା ରହିଛି । ଭୌଗଳିକ ଦୃଷ୍ଟି କୋଣରୁ ଭଞ୍ଜନଗର ଉପଖଣ୍ଡ ରାଜ୍ୟର ବଡ଼ ଉପଖଣ୍ଡ। ଜଗନ୍ନାଥପ୍ରସାଦ ବ୍ଲକ ରଗଡ଼ାରୁ ଜଣେ ବ୍ୟକ୍ତିଙ୍କୁ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯିବାକୁ ହେଲେ ୧୫୦ କିମି ୩ଟି ବସ୍ ବଦଳାଇ ଯିବାକୁ ପଡୁଛି। ଦୂରତ୍ୱ ଏବଂ ଅନ୍ୟାନ୍ୟ କାରଣରୁ ଘୁମୁସର ଜିଲାର ଆବଶ୍ୟକତା ରହିଛି । ୧୯୯୩ରେ ରାଜ୍ୟରେ ୧୩ ଜିଲାରୁ ୩୦ ଜିଲାକୁ ବୃଦ୍ଧି କରାଯାଇଥିଲା । ଏହାପରେ ଆଉ ନୂଆ ଜିଲା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇ ନ ଥିଲେ। କିନ୍ତୁ ୧୩ରୁ ୩୦ ଜିଲାକୁ ବୃଦ୍ଧି ପରେ ଆଉ କିଛି ନୂତନ ଜିଲା ଘୋଷଣା ପାଇଁ କେତକ ଜିଲାରେ ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ଅଞ୍ଚଳକୁ ନେଇ ନୂଆ ଜିଲା ଘୋଷଣା ଦାବି ଉଠିଥିଲା। କିନ୍ତୁ ଜନତାଦଳ, କଂଗ୍ରେସ, ବିଜେଡ଼ି ଓ ଭାଜପା ମେଣ୍ଟ ସରକାର ଏବଂ ବର୍ତ୍ତମାନର ବିଜେଡ଼ି ସରକାର ଚାଲିଥିଲେ ମଧ ଜିଲା ଦାବି ପ୍ରତି କୌଣସି ସରକାର ଗୁରୁତ୍ୱ ଦେଇନାହାନ୍ତି।

# ରଷିକୁଲ୍ୟା ମୁହାଁଣରେ ମାଛ ମରାଯାଉଥିବା ଅଭିଯୋଗ

## ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ

ଗଞ୍ଜାମ,୨୧।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲା ଋଷିକୁଲ୍ୟା ମୁହାଣ ବିଶ୍ୱ ମାନଚିତ୍ରରେ ସାମୁଦ୍ରିକ ଅଲିଭ ରିଡ୍‌ଲେ କଇଁଛମାନଙ୍କ ଅଣ୍ଡାଦିଶାଳ ଭାବେ ପରିଗଣିତ ହେଉଥିବା ବେଳେ ସମ୍ପ୍ରତି ଋଷିକୁଲ୍ୟା ମୁହାଣରେ ରିଂ ଜାଲ ବ୍ୟବହାର କରି ମାଛ ମରାଯାଉଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ଅଲିଭ ରିଡ୍‌ଲେ କଇଁଛମାନଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫଳରେ ପରିବେଶବିତମାନଙ୍କ ମଧରେ ଉଦ୍‌ବେଗ ପ୍ରକାଶ ପାଇଛି। ନଭେମ୍ବର ପହିଲାରୁ ମେ ୩୧ ତାରିଖ ଦୀର୍ଘ ୭ମାସ ଯାଏ ଫିସେରି ଡିପାର୍ଟମେଣ୍ଟ ତରଫରୁ ଛତ୍ରପୁର ଓ ଗଞ୍ଜାମ ବ୍ଲକର ସମୁଦ୍ର ଉପକୂଳବର୍ତ୍ତୀ ବିଭିନ୍ନ ସାମୁଦ୍ରିକ ମତ୍ସ୍ୟ ଗ୍ରାମଗୁଡ଼ିକରେ କଇଁଛ ସୁରକ୍ଷା ସମ୍ପର୍କିତ ପ୍ରାଚୀର ପତ୍ର ମାରିଦେଇ ମତ୍ସ୍ୟ ବିଭାଗ ଚୁପ ବସିଥିବା ଅଭିଯୋଗ ହେଉଛି। ସମୁଦ୍ର ଉପକୂଳବର୍ତ୍ତୀ ଇଲାକାରେ ଫିସେରି ବିଭାଗ କର୍ମଚାରୀମାନେ ରହିଥିଲେ ମଧ ସେମାନଙ୍କ ରୋଲ ଶୂନ ରହୁଥିବା ଚର୍ଚ୍ଚା ହେଉଛି। ଅନ୍ୟପଟେ ଋଷିକୁଲ୍ୟା ମୁହାଣ ଅଞ୍ଚଳରେ ଫିସେରି ବିଭାଗର ଏକ ବୋଟ ବ୍ୟବହାର ନ ହୋଇ ନଷ୍ଟ ହୋଇ ଖତ ଖାଉଥିବା ଲକ୍ଷ୍ୟ କରାଯାଇଛି। ସୂଚନା ଥାଉକି ପ୍ରତିବର୍ଷ ବିଶ୍ୱର ବିଭିନ୍ନ ଅଞ୍ଚଳରୁ ହଜାର ହଜାର କିଲୋମିଟର ଅତିକ୍ରମ କରି ନଭେମ୍ବର ମାସରେ ଜଳପଥରେ ଲକ୍ଷ ଲକ୍ଷ ସଂଖ୍ୟାରେ ଅଲିଭ ରିଡ୍‌ଲେ ସାମୁଦ୍ରିକ କଇଁଛମାନେ ଋଷିକୁଲ୍ୟା ମୁହାଣକୁ ଆସିଥାନ୍ତି। ପର୍ଯ୍ୟାୟକ୍ରମେ ମିଳନ ପ୍ରକ୍ରିୟା, ଗଣ ଅଣ୍ଡାଦାନ ପର୍ବ ଓ ଛୁଆ ଫୁଟିବା ପ୍ରକ୍ରିୟା ହୋଇଥାଏ। ଫଳରେ ଲକ୍ଷ ଲକ୍ଷ ସଂଖ୍ୟାରେ ସାମୁଦ୍ରିକ କଇଁଛମାନେ ଗଞ୍ଜାମ ଜିଲାର ଋଷିକୁଲ୍ୟା ମୁହାଣ ସମୁଦ୍ରର ନୀଳ ଜଳରାଶି ମଧରେ ରହିଥାନ୍ତି। ବର୍ତ୍ତମାନ ଋଷିକୁଲ୍ୟା ମୁହାଣଠାରୁ ଉତ୍ତରରେ ପ୍ରୟାଗୀ ଓ ଦକ୍ଷିଣରେ ଆର୍ଯ୍ୟପଲ୍ଲୀ ୨୦ କିଲୋମିଟର ଏବଂ ସମୁଦ୍ର କୂଳଠାରୁ ସମୁଦ୍ରର ୨୦ କିଲୋମିଟର ମଧରେ ଯାନ୍ତ୍ରିକ ବୋଟ୍‌ରେ ମାଛ ମାରିବା ନେଇ କଟକଣା ରହିଥିଲେ ମଧ ଋଷିକୁଲ୍ୟା ମୁହାଣର ୩ ରୁ ୪ କିଲୋମିଟର ମଧରେ ରିଂ ଜାଲ ବ୍ୟବହାର କରାଯାଉଥିବାରୁ ଉକ୍ତ ଜାଲ ସାମୁଦ୍ରିକ କଇଁଛଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ଫିସେରି ବିଭାଗ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ନେଇ ପଦକ୍ଷେପ ନେବାକୁ ରିଂ ଜାଲ ବ୍ୟବହାରରେ ରୋକ ଲଗାଇବା ପାଇଁ ବିଭିନ୍ନ ମହଲରୁ ଦୃଢ଼ ଦାବି ହେଉଛି।

### ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା

ଫୁଲବାଣୀ ଅଫିସ, ୨୧।୧୧

କନ୍ଧମାଳ ଜିଲା ସାହିତ୍ୟ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ଏକ ବୈଠକ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ତ୍ରୟୋଦଶ ପୁସ୍ତକ ମେଳା ପାଇଁ ଏହି ବୈଠକରେ ଆଲୋଚନା କରାଯିବା ସହ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା । ଆସନ୍ତା ଫେବୃୟାରୀ ୧୨ରୁ ୨୩ ପର୍ଯ୍ୟନ୍ତ ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ପାଳନ ପାଇଁ ବୈଠକରେ ସ୍ଥିର ହୋଇଥିଲା। ପରେ କର୍ମକର୍ତ୍ତା ଚୟନ ହୋଇଥିଲା । ସଭାପତି ଭାବେ ପ୍ରଶାନ୍ତ କୁମାର ବେହେରା, ଉପସଭାପତି ସୁଜିତ୍ କୁମାର ବେହେରା ଏବଂ ଶରତଚନ୍ଦ୍ର ମହାନ୍ତି, ମୁଖ୍ୟ ସମ୍ପାଦକ ଡଃ କାହ୍ନୁ ଚରଣ ଶତପଥୀ, ସହ ସମ୍ପାଦକ ଓମ୍ ପ୍ରକାଶ ପଣ୍ଡା ଏବଂ ସୁନିତୀ ଆଚାରୀ, ସଙ୍ଗଠନ ସମ୍ପାଦକ ସୋମନାଥ ସାହୁ, ସାଂସ୍କୃତିକ ସମ୍ପାଦିକା ବିରଜିନୀ ମହାପାତ୍ରଙ୍କୁ ଚୟନ କରା ଯାଇଥିଲା। ନିର୍ବାଚନ ଅଧିକାରୀ ଭାବେ ବିଷ୍ଣୁ ପ୍ରସାଦ ମିଶ୍ର ଦାୟିତ୍ୱ ତୁଲାଇଥିଲେ।

# ବନ୍ୟପ୍ରାଣୀ ଶିକାର ଯୋଜନା: ବିଦ୍ୟୁତ ତାର, ସାମଗ୍ରୀ ଜବତ



ଜବତ ସରଞ୍ଜାମ।

ବୁଗୁଡ଼ା,୨୧।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲା ଦକ୍ଷିଣ ଘୁମୁସର ବନଖଣ୍ଡ ଅନ୍ତର୍ଗତ ବୁଗୁଡ଼ା ବନାଞ୍ଚଳରେ ମାତିଛନ୍ତି ବନ୍ୟପ୍ରାଣୀ ଶିକାରୀ। ନିର୍ଭୟରେ ଶିକାରୀମାନେ ବନ୍ୟଜନ୍ତୁ ଶିକାର କରୁଥିବା ବେଳେ ବନବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହେଉଛି। ବନାଞ୍ଚଳ ପକ୍ଷରୁ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ସଚେତନ ରଥର ଶୁଭାରମ୍ଭ ହୋଇଥିବା ବେଳେ ଅନ୍ୟପଟେ ଶିକାରୀମାନେ ବନ୍ୟପ୍ରାଣୀ ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇବା ଘଟଣା କମିବାର ନାଁ ଧରୁନାହିଁ। ସୋମବାର ବୁଗୁଡ଼ା ବନାଞ୍ଚଳର ଉଦୟପୁର ବିଟ ଅଧୀନରେ ଥିବା କରସିଙ୍ଗି ଗ୍ରାମର ବଞ୍ଜର କାଜୁତୋଟାଠାରେ ଶିକାରୀମାନେ ବନ୍ୟପ୍ରାଣୀ ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇଥିବା ଦେଖିଲା ପରେ ବିଦ୍ୟୁତ ବିଭାଗର କିଛି କର୍ମଚାରୀ ବନ ବିଭାଗକୁ ଖବର ଦେଇଥିଲେ। ବନରକ୍ଷୀ ହୃଷୀକେଶ ପାଣିଗ୍ରାହୀ ଏବଂ ଲାଇନ ମ୍ୟାନ୍ ମିର୍ଜା ଅଲ୍ଲୀ ବାଗ ଘଟଣାସ୍ଥଳରେ ପହଞ୍ଚି ତାର ଖୋଲିବା ସହିତ ଘଟଣାସ୍ଥଳରୁ ୬୦୦ମିଟର ଜିଆଇ ତାର ଏବଂ ବ୍ୟବହୃତ ବାଉଁଶ, କାଚ ବୋତଲ ଜବତ କରିଥିଲେ ହେଁ ଶିକାରୀକୁ ଧରିବା ପାଇଁ କୌଣସି ପଦକ୍ଷେପ ନେଇ ନ ଥିବା କରସିଂ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବୁଗୁଡ଼ା ବନାଞ୍ଚଳରେ ଶିକାରୀମାନେ ସକ୍ରିୟ ଥିବା ବେଳେ ବନ ବିଭାଗ ଏଥିପ୍ରତି କୌଣସି ଉଚିତ ପଦକ୍ଷେପ ନେଉନାହିଁ କି ରାତ୍ରିକାଳୀନ ପ୍ରହରା ଦେଉ ନ ଥିବାରୁ ଶିକାରୀମାନେ କେତେକ ବନ ବିଭାଗ କର୍ମଚାରୀଙ୍କ ସହ ସଲାସୁତୁରାରେ ଅବାଧରେ ଶିକାର କରୁଛନ୍ତି। ନିକଟରେ ବୁଗୁଡ଼ା ଅଞ୍ଚଳରେ ଶିକାରୀଙ୍କ ଫାଶରେ ପଡି ଏକ ହାତୀ ଛୁଆର ମୃତ୍ୟୁ ଘଟିଥିଲେ ହେଁ ବନ ବିଭାଗ ତତ୍ପର ନ ହେବା ବନ ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# କଳିଙ୍ଗ ବୈଶ୍ୟ ସମାଜର ଆଲୋଚନା ସଭା



ନବ ନିର୍ବାଚିତ କାର୍ଯ୍ୟକର୍ତ୍ତା ବୃନ୍ଦ।

ଦିଗପହଣ୍ଡି,୨୧।୧୧(ଡି.ଏନ.ଏ.)

ଦିଗପହଣ୍ଡିସ୍ଥିତ ସ୍ଥିତ କଳିଙ୍ଗ ବୈଶ୍ୟ ସମାଜର ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ପେଣ୍ଠ ଘର ସଭାଗୃହଠାରେ ଆୟୋଜିତ ସଭାରେ ସମାଜର ସାଙ୍ଗଠନିକ ଅଭିବୃଦ୍ଧି, ବିବିଧ ସମସ୍ୟା ଓ ତା'ର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ଦିଗପହଣ୍ଡି କଳିଙ୍ଗ ବୈଶ୍ୟ ସମାଜର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଦିଗପହଣ୍ଡି ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ଭି.ରବି ନାରାୟଣ ରାଜୁଙ୍କୁ ସର୍ବସମ୍ମତି କ୍ରମେ ସଭାପତି(ପୃଷ୍ଟି) ରୂପେ ଚୟନ କରାଯାଇଥିବା ବେଳେ ଭି.ରାମନାଥ ରାଜୁଙ୍କୁ ସମ୍ପାଦକ ଏବଂ ଭି.ସନ୍ତୋଷ ରାଜୁଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ଦିଗପହଣ୍ଡିଠାରେ କଳିଙ୍ଗ ବୈଶ୍ୟ ସମାଜ ରାଜ୍ୟ କମିଟି ମହାସଭାର ନିର୍ବାଚନ କାର୍ଯ୍ୟ ଅନୁଷ୍ଠିତ ହେବାକୁ ଥିବାରୁ ସେ ନେଇ ସଭାରେ ଆଲୋଚନା କରାଯିବା ସହ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଏ.ସମେଶ୍ୱର ରାଓ, ଭି.ଶ୍ୟାମ ସୁନ୍ଦର ରାଜୁ, ନାଗେଶ୍ୱର ରାଓ, ଭି. ଧର୍ମା ରାଜୁ, ସୀମାଦ୍ରି ପାତ୍ର, ଭି.ସୁଦର୍ଶନ ରାଜୁ, ଡା. ଶ୍ରୀନିବାସ ରାଓ, ଓଡ଼ି.ଲୋକନାଥ, ଭି.ଅରବିନ୍ଦ ରାଜୁ, ଭି.ପ୍ରମୋଦ କୁମାର ରାଜୁ, ଭି.ପ୍ରଦୀପ କୁମାର ରାଜୁ, ଓଡି.ଅରବିନ୍ଦ ରାଜୁଙ୍କ ସମେତ ବହୁସଂଖ୍ୟକ କଳିଙ୍ଗ ବୈଶ୍ୟ ସମାଜର ସଭ୍ୟ ବୃନ୍ଦ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସ୍ଥାୟୀ ନିଯୁକ୍ତି ଦାବିରେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ପ୍ରତିବାଦ ସଭା



ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତା।

ପୋଲସରା,୨୧।୧୧(ଡି.ଏନ.ଏ.)

ବହୁଦିନ ଧରି ରାଜ୍ୟର ବିଭିନ୍ନ ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଞ୍ଚଳ ପରିଷଦଗୁଡ଼ିକରେ କାର୍ଯ୍ୟରତ ଚତୁର୍ଥଶ୍ରେଣୀ କର୍ମଚାରୀମାନେ କରୋନା ଭଳି ମହାମାରୀ ସମୟରେ ମଧ ନିଜ ଜୀବନକୁ ବାଜି ଲଗାଇ ସ୍ୱଳ୍ପ ଦରମାରେ ନାନାଦି ଅସୁବିଧାରେ କାର୍ଯ୍ୟକରି ଆସୁଥିବା ବେଳେ ବର୍ତ୍ତମାନର ବଜାରଦର ଅନୁସାରେ ପ୍ରାପ୍ୟ ପାଇବା ତ ଦୂରର କଥା କିନ୍ତୁ ବିଭିନ୍ନ ସର୍ଭିସ ପ୍ରୋଭାଇଡର ମାଧ୍ୟମରେ ନିଯୁକ୍ତି ହୋଇଥିବାରୁ ସେମାନଙ୍କର ଚାକିରିର ସୁରକ୍ଷା ରହୁନି ଓ ବାରମ୍ବାର ଛଟେଇ ହେଉଛନ୍ତି। କିନ୍ତୁ ସରକାର ନିକଟ ଅତୀତରେ କେବଳ ଅଳ୍ପ ସଂଖ୍ୟକ ଠିକା କର୍ମଚାରୀମାନଙ୍କୁ ନିୟମିତ କରିଦେଇ ରାଜ୍ୟର ଲକ୍ଷାଧିକ ଆଉଟସୋର୍ସିଂ କର୍ମଚାରୀଙ୍କୁ ରାଜରାସ୍ତାରେ ଛାଡ଼ି ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ମୁଣ୍ଡ ଟେକିଥିବା କର୍ମଚାରୀ ଆନ୍ଦୋଳନ ଆସନ୍ତା ୨୬ ନଭେମ୍ବର ଭୁବନେଶ୍ୱରରେ ୪୧ଟି ବିଭାଗର ଆଉଟସୋର୍ସିଂ କର୍ମଚାରୀମାନେ ସମବେତ ହେବେ। ଏହାକୁ ନେଇ ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦରେ କାର୍ଯ୍ୟରତ ଚତୁର୍ଥଶ୍ରେଣୀ କର୍ମଚାରୀମାନେ ଏକ ସାଙ୍ଗଠନିକ ବୈଠକ ମାଧ୍ୟମରେ ଆନ୍ଦୋଳନରେ ଯୋଗଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପୌର କର୍ମଚାରୀ ସଂଘ ଗଞ୍ଜାମ ଜିଲା ସଭାପତି ପ୍ରଶାନ୍ତ ପରିଚ୍ଛା ସଭାପତିତ୍ୱ କରିଥିବା ବେଳେ ଉତ୍ତମ ନାୟକଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ରାଜ୍ୟ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ରାଜ୍ୟ ଆବାହକ ପ୍ରତାପ ପ୍ରଧାନ, ହିମାଂଶୁ ପଟ୍ଟନାୟକ, ଗଞ୍ଜାମ ଜିଲା ସମ୍ପାଦକ ବିନାୟକ ପତି, ସମିନା ଖତମ, ସତ୍ୟାଶିଷ ପାତ୍ର, ସୁକାନ୍ତ ବେହେରା, ସଂଜୀବ ନାୟକ, ସୂର୍ଯ୍ୟ ନାୟକ, ବିଶାଳ ବେହେରା, ସନ୍ତୋଷ ନାୟକ, ସୁମନ ବିଷୋୟୀ, ଅଜିତ ନାୟକ, ବାବୁ ନାୟକ ଏବଂ ବିଭିନ୍ନ ଏନ୍‌ଏସିର ସମସ୍ତ ଆଉଟସୋର୍ସିଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଜି.ଉଦୟଗିରି,୨୧।୧୧(ଡି.ଏନ.ଏ.)

ଜି.ଉଦୟଗିରିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ବନପାଳ ପ୍ରଶିକ୍ଷଣ କେନ୍ଦ୍ର ଖେଳ ପଡିଆରେ ଦୁଇଦିନ ଧରି ବାର୍ଷିକ କ୍ରୀଡାରେ ୪ଟି ବିଭାଗରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜି.ଉଦୟଗିରି ଆଇଆଇସି ଅଜୟ କୁମାର ସ୍ୱାଇଁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଅନୁଷ୍ଠାନର ସଭାପତି ରାଜେନ୍ଦ୍ର ମହାପାତ୍ର, ସମ୍ପାଦକ ଶିବରାମ ସାହୁ ଓ ପୂର୍ବତନ ସମ୍ପାଦକ ସମୀର କୁମାର ପାଢ଼ୀ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମାଧବାନନ୍ଦ ଦାଶ ସଭାପତିତ୍ୱ କରିଥିବା ବେଳେ ଶାରୀରିକ ପ୍ରମୁଖ ଅନିତା ନାୟକ ବିବରଣୀ ପାଠ କରିଥିଲେ। ଶୁକ୍ରବାର କ୍ରୀଡ଼ା ଉତ୍ସବକୁ ବନପାଳ ପ୍ରଶିକ୍ଷଣ କେନ୍ଦ୍ର ବରିଷ୍ଠ ପ୍ରଶିକ୍ଷକ ପ୍ରଦୀପ କୁମାର ମହାରଣା ଓ ଡାକ୍ତର ସତ୍ୟ ନାରାୟଣ ପଟ୍ଟନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

# ସୁରଟରେ ପ୍ରତିଷ୍ଠା ହେବ ଶ୍ରମିକ ସହାୟକ କେନ୍ଦ୍ର

ପୋଲସରା,୨୧।୧୧(ଡି.ଏନ.ଏ.)

## ପ୍ରତିଶ୍ରୁତି ପୂରଣ କଲେ ମନ୍ତ୍ରୀ

ସୁରାଟରେ ରହୁଥିବା ପ୍ରାୟ ୮ ଲକ୍ଷ ପ୍ରବାସୀ ଓଡ଼ିଆ ଓ ଓଡ଼ିଆ ଶ୍ରମିକମାନଙ୍କ ଉପକାର ପାଇଁ ସେଠାରେ ପ୍ରତିଷ୍ଠା ହେବ ଓଡ଼ିଆ ଶ୍ରମିକ ସହାୟକ କେନ୍ଦ୍ର ଓ ନିର୍ମାଣ ହେବ ଓଡ଼ିଶା ସାଂସ୍କୃତିକ ଭବନ। ୨୦୨୨ ସେପ୍ଟେମ୍ବର ୨୫ରେ ସୁରଟର ବିଭିନ୍ନ ପ୍ରବାସୀ ଓଡ଼ିଆ ସଙ୍ଗଠନ ସହ ଆଲୋଚନା ବେଳେ ସୁରଟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଓଡ଼ିଆ ଶ୍ରମିକ ସହାୟକ କେନ୍ଦ୍ର କାର୍ଯ୍ୟାଳୟ ୩ ମାସ ମଧ୍ୟରେ ଖୋଲିବାକୁ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରତିଶ୍ରୁତି ପ୍ରକାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଐତିହାସିକ ପଦକ୍ଷେପ ସ୍ୱରୂପ ଓଡ଼ିଶା ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପତ୍ରସଂଖ୍ୟା ୮୮୧୭/୨୬।୧୦।୨୨ରେ ସୁରଟରେ ଶ୍ରମ ବିଭାଗ ପକ୍ଷରୁ ଓଡ଼ିଆ ଶ୍ରମିକ ସହାୟକ କେନ୍ଦ୍ର କାର୍ଯ୍ୟାଳୟ ଖୋଲିବା ପାଇଁ ଅନୁମତି ପ୍ରଦାନ କରାଯାଇଛି। ସେଥିପାଇଁ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ସୁରଟ ଗସ୍ତରେ ଯାଇଥିବା ଜଣାପଡ଼ିଛି। ସୁରଟରେ ଏହି କାର୍ଯ୍ୟାଳୟ ଖୋଲିବା ଦ୍ୱାରା ସେଠାରେ କାର୍ଯ୍ୟରତ ଓଡ଼ିଆ ଶ୍ରମିକବୃନ୍ଦ ନିଜର ସମସ୍ୟା ଓ ଅଭିଯୋଗ କରିପାରିବେ। ଓଡ଼ିଶା ସରକାର ଏହାର ସମାଧାନ କରିବା ଦ୍ୱାରା ଓଡ଼ିଆ ଶ୍ରମିକଙ୍କ ନିରାପତ୍ତା ଓ ମଙ୍ଗଳ ହୋଇପାରିବ। ସେହିପରି ୧୦ କୋଟି ଟଙ୍କା ବ୍ୟୟରେ ସୁରଟରେ ଏକ ସାଂସ୍କୃତିକ ଭବନ ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ସୁରାଟରେ ଓଡ଼ିଆ ସାଂସ୍କୃତିକ ଭବନ ନିର୍ମାଣ ପାଇଁ ସରକାରୀ ଜାଗା ଯୋଗାଇଦେବାକୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଗୁଜରାଟ ସରକାରଙ୍କୁ ପତ୍ର ଦିଆଯାଇଥିଲା। ଗୁଜରାଟ ସରକାର ଜାଗା ଯୋଗାଇଦେବାକୁ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଯୋଗୁ ସାଂସ୍କୃତିକ ଭବନ ନିର୍ମାଣ କାର୍ଯ୍ୟ ଆଗେଇ ପାରି ନ ଥିଲା। ଗତ ସେପ୍ଟେମ୍ବରରେ ଶ୍ରମମନ୍ତ୍ରୀ ସାହୁଙ୍କ ସୁରଟ ଗସ୍ତ ବେଳେ ପ୍ରବାସୀ ଓଡ଼ିଆମାନେ ଏହି ପ୍ରଶ୍ନ ଉଠାଇଥିଲେ। ଶ୍ରମମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଚେଷ୍ଟା କରିବେ। ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ପୁନର୍ବାର ଗୁଜରାଟ ସରକାରଙ୍କୁ ଓଡ଼ିଆ ସାଂସ୍କୃତିକ ଭବନ ନିର୍ମାଣ ପାଇଁ ପ୍ରାୟ ୨ ଏକର ଜମି ଯୋଗାଇଦେବାକୁ ଅନୁରୋଧ କରିଛନ୍ତି। ଆଲୋଚନା ସଫଳ ହୋଇଥିବା ବେଳେ ଓଡ଼ିଶା ସରକାରଙ୍କ ଶ୍ରମ ବିଭାଗର ପତ୍ର ସଂଖ୍ୟା ୬୬୬୪/ ୧୭।୧୧।୨୨ରେ ଓଡ଼ିଶା ସରକାର ୧୦ କୋଟି ଟଙ୍କା ବ୍ୟୟ ଅଟକଳରେ ସୁରଟରେ ସାଂସ୍କୃତିକ ଭବନ ନିର୍ମାଣ ପାଇଁ ଅର୍ଥ ମଞ୍ଜୁରୀ କରିଛନ୍ତି। ସାଂସ୍କୃତିକ ଭବନ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶାର ଶ୍ରମ ମନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ସାଂସ୍କୃତିକ ଭବନ ନିର୍ମାଣ ହେଲେ ସୁରଟର ପ୍ରବାସୀ ଓଡ଼ିଆମାନେ ନିଜର ସାଂସ୍କୃତିକ କାର୍ଯ୍ୟକ୍ରମ, ସଭା ସମିତି, ବିବାହ, ବ୍ରତ ପ୍ରଭୃତି କାର୍ଯ୍ୟ କରିପାରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରୁ ଶ୍ରମମନ୍ତ୍ରୀ ସାହୁ ପ୍ରତିଶ୍ରୁତି ଦେଇଥିବା ଦୁଇଟି ଐତିହାସିକ ପଦକ୍ଷେପ କାର୍ଯ୍ୟକାରୀ ହୋଇପାରିଥିବା ଜଣାପଡ଼ିଛି।

# ଚିକିତ୍ସାଧୀନ ଗର୍ଭବତୀଙ୍କ ମୃତ୍ୟୁ ପ୍ରତିବାଦରେ ଧାରଣା

ପାରଳାଖେମୁଣ୍ଡି(ଡି.ଏନ୍.ଏ.)/ କାଶୀନଗର ୨୧/୧୧

କାଶୀନଗର ବ୍ଲକ ଅନ୍ତର୍ଗତ କରଟାମ ଗ୍ରାମର ଜଣେ ଗର୍ଭବତୀ ମାଳତୀ କୁମାର ପଟ୍ଟନାୟକଙ୍କର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଥିଲା। ଚିକିତ୍ସାରେ ଅବହେଳା ଯୋଗୁ ମାଳତୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି ଗ୍ରାମର କେତେଜଣ ଲୋକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ମହିଳାଙ୍କ ଦୁଇ ଭାଇ ଶିବପ୍ରସାଦ ନାୟକ ଓ ସୁମନ୍ତ କୁମାର ନାୟକ କହିଛନ୍ତି, ଗତ ୧୬ରେ ପରିସ୍ରା ତ୍ୟାଗରେ ସମସ୍ୟା ସୃଷ୍ଟି ହେବାରୁ ସେମାନେ ଭଉଣୀକୁ କାଶୀନଗର ମେଡିକାଲକୁ ଆଣିଥିଲେ। ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କ ଭଉଣୀଙ୍କ ମୃତ୍ୟୁ ଘଟିଛି। କେବଳ ଦୋଷ ଲୁଚାଇବା ପାଇଁ



ଧାରଣାରେ ବସିଛନ୍ତି।

ଚିକିତ୍ସା କରିଥିବା ଡାକ୍ତର ଓ ଷ୍ଟାଫ୍ ପରବର୍ତ୍ତୀ ସମୟରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଥିଲେ। ସେଠାରେ ଡା. ମାଳତିଙ୍କୁ ମୃତ ଘୋଷଣା କରିଥିଲେ। ତେଣୁ ସମ୍ପୃକ୍ତ ଡାକ୍ତରଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯାଉ ଏବଂ ମାଳତୀଙ୍କ ପରିବାରକୁ ୩୦ଲକ୍ଷ ଟଙ୍କା କ୍ଷତି ପୂରଣ ଦିଆଯାଉ ବୋଲି ସେମାନେ ଦାବି ରଖିଛନ୍ତି। ସିଆଳି ସରପଞ୍ଚ ରାମପ୍ରସାଦ ପଟ୍ଟନାୟକ, ପାରଳାଖେମୁଣ୍ଡିର ସାମାଜିକ କର୍ମୀ ସୁନୀଲ ପଟ୍ଟନାୟକ, ସ୍ଥାନୀୟ ମହିଳା ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ସମର୍ଥନ ଜଣାଇଥିବା ବେଳେ ଡାକ୍ତର କହିଛନ୍ତି, ଚିକିତ୍ସା ଅବହେଳା ଯୋଗୁ ମାଳତୀଙ୍କର ମୃତ୍ୟୁ ଘଟିନାହିଁ ।

## ସିପିଆଇର ଶାଖା ସମ୍ମିଳନୀ

ଦିଗପହଣ୍ଡି,(ଡି.ଏନ୍.ଏ.)- ଦିଗପହଣ୍ଡି ବ୍ଲକ ମାଁ ଖେମୁଣ୍ଡି କାଲୁଆ ଶକ୍ତିପୀଠରେ ସିପିଆଇର ଗୋପାଳପୁର ଶାଖା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରମେଶ ଭୂୟାଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସୀମାଞ୍ଚଳ ସ୍ୱାଇଁ ପାର୍ଟିର ପତାକା ଉତ୍ତୋଳନ କରିଥିଲେ। ସିପିଆଇର ଗଞ୍ଜାମ ଜିଲା କମିଟି ସମ୍ପାଦକ ପ୍ରକାଶ ପାତ୍ର, ସହ ସମ୍ପାଦକ ନୀଳକଣ୍ଠ ଦାସ, ଅଖିଳ ଭାରତ ଯୁବ ସଂଘ ରାଜ୍ୟ ସଭାପତି ପ୍ରଦୀପ କୁମାର ସେଠୀ, ବୃନ୍ଦାବନ ପଣ୍ଡା, ଅଳକ ନାଥ ମିଶ୍ର ପ୍ରମୁଖ ସମ୍ମିଳନୀରେ ଯୋଗଦେଇ ରାଜ୍ୟ ତଥା ଜାତୀୟ ରାଜନୈତିକ ପରିସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ସିପିଆଇର ବଡ଼ଖେମୁଣ୍ଡି ଜୋନାଲ ସମ୍ପାଦକ କିଶୋର କୁମାର ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ମିଳନୀରେ ପାର୍ଟିର ବିଭିନ୍ନ ଗଣସଙ୍ଗଠନର କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ଶେଷରେ ଲୋକନାଥ ବିଷୋୟୀଙ୍କୁ ପାର୍ଟିର ଶାଖା ସମ୍ପାଦକ, ରାଜେନ୍ଦ୍ର ବିଷୋୟୀଙ୍କୁ ସହ ସମ୍ପାଦକ ଏବଂ ନମିତା ସ୍ୱାଇଁଙ୍କୁ ସହ ସମ୍ପାଦିକା ଭାବେ ମନୋନୀତ କରାଯାଇଥିଲା।

## ସଂକ୍ଷେପରେ

### ମନ୍ଦିର ଜମିକୁ ନେଇ ବିବାଦ

ଭଞ୍ଜନଗର,୨୧।୧୧(ଡି.ଏନ.ଏ)- ଭଞ୍ଜନଗର ଥାନା ଗାମୁଣ୍ଡି ଗୁପ୍ତେଶର ମନ୍ଦିର ଜମିକୁ ନେଇ ବିବାଦ ଦେଖାଦେଇଛି। ଦୁଇଦିନ ପୂର୍ବେ ଗ୍ରାମର କିଛି ବ୍ୟକ୍ତି ମନ୍ଦିର ମାଳି ଙ୍କୁ ଜମିର ହିସାବ ମାଗି ଥିଲେ। ଏହି ସମୟରେ ଗ୍ରାମର କିଛି ବ୍ୟକ୍ତି ମାଳି ଙ୍କୁ ଅସଦ୍‌ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଜଣେ ମାଳି ଥାନାରେ ଅଭିଯୋଗ କରିଥିଲେ। ସୋମବାର ସନ୍ଧ୍ୟାରେ ଗ୍ରାମବାସୀ ଥାନାରେ ପହଞ୍ଚି ଦୁଇଜଣ ମାଳିଙ୍କ ବିରୁଦ୍ଧରେ ଅଭିଯୋଗ କରିଛନ୍ତି। ଏଥିସହ ଥାନାରେ ହୋହାଲ୍ଲା କରିଛନ୍ତି। ପୋଲିସ ଉଭୟ ପକ୍ଷର ଏତଲା ରଖି ଘଟଣାର ତଦନ୍ତ ଚଳାଇଛି।

### ପୋଲସରା ଗାଁସାଥୀ ସଂଘ ବୈଠକ

ପୋଲସରା,୨୧।୧୧(ଡି.ଏନ.ଏ.)- ପୋଲସରା ବ୍ଲକ ରାଣୀପଡା ସ୍ଥିତ ବାଲୁକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସୋମବାର ପୋଲସରା ଗାଁ ସାଥୀ ସଙ୍ଗଠନର ସଭାପତି ଅଶୋକ କୁମାର ବିଷୋୟୀଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗାଁ ସାଥି ମାନଙ୍କର ପାରିଶ୍ରମିକ ସମସ୍ୟା ଓ ସମସ୍ତ ବିଭାଗର ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ସଂସ୍ଥା କାର୍ଯ୍ୟରେ ଗାଁ ସାଥି ମାନଙ୍କୁ ସମ୍ପୃକ୍ତି କରିବା ଏବଂ ସ୍ଥାୟୀ ନିଯୁକ୍ତି ମାସିକ ଦରମା ପ୍ରଦାନ ପାଇଁ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିବା ଏବଂ ଆସନ୍ତା ୨୩ ତାରିଖରେ ପୋଲସରା ଥାନାରେ ଅନୁଷ୍ଠିତ ହେବାକୁ ଥିବା ରକ୍ତଦାନ ଶିବିରରେ ଯୋଗଦେଇ କାର୍ଯ୍ୟକର୍ମକୁ ସଫଳ କରିବା ପାଇଁ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ଶତାଧିକ ଗାଁ ସାଥି ଓ ସଙ୍ଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ।

### ସାମାଜିକ ସେବା କାର୍ଯ୍ୟକ୍ରମ

ଦିଗପହଣ୍ଡି,୨୦।୧୧(ଡି.ଏନ.ଏ.)- ବ୍ରହ୍ମପୁର ୱାର୍କସ କ୍ଲବ ପକ୍ଷରୁ ଶନିବାର ଦିଗପହଣ୍ଡି ବ୍ଲକ କୋଟିନଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚଢ଼େୟାଗର୍ଦ୍ଦ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟର ଜନଜାତି ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ସାମଗ୍ରୀ ସହ ଟେବୁଲ ଚେୟାର ବଣ୍ଟନ କରାଯାଇଛି। ୱାର୍କସ କ୍ଲବର ସାମାଜିକ ସେବା କାର୍ଯ୍ୟକ୍ରମ ଆଧାରରେ ସମାଜର ଅବହେଳିତ ବର୍ଗର ଲୋକମାନଙ୍କୁ ଏସବୁ ସେବାମୂଳକ କାର୍ଯ୍ୟ କ୍ଲବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏହି ଅବସରରେ ଆୟୋଜିତ ଆଲୋଚନା ସଭାରେ କ୍ଲବର କର୍ମକର୍ତ୍ତାମାନେ କହିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କ୍ଲବର ସଭାପତି ରାଜକିଶୋର ସ୍ୱାଇଁ, ସମ୍ପାଦକ ନାର୍ସୁ ଜେନା, ସହ-ସମ୍ପାଦକ ସିଏଚ. ସୂର୍ଯ୍ୟନାରାୟଣ, ପ୍ରକଳ୍ପ ଅଧକ୍ଷ ଇ. କେଶବ ରାଓ, କୋଷାଧକ୍ଷ କେ.ରାମାରାଓଙ୍କ ସମେତ କାର୍ଯ୍ୟକର୍ତ୍ତା କେ. ଶିବାଜୀ ଓ ଏସ.ମହେଶ୍ୱର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ବି. ପଞ୍ଚୁ, ଅଶୋକ କୁମାର ଜେନା, ସୀମାଞ୍ଚଳ ବେହେରା ଓ ଧନଞ୍ଜୟ ବେହେରା ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଭାଜପା କାର୍ଯ୍ୟକର୍ତ୍ତା ବୈଠକ

ପାରଳାଖେମୁଣ୍ଡି,୨୧।୧୧(ଡି.ଏନ୍.ଏ.)- ପାରଳାଖେମୁଣ୍ଡି ସହରର ରାଜଦାଣ୍ଡ ସାହିଠାରେ ଥିବା ବିଶ୍ୱନାଥ କଲ୍ୟାଣ ମଣ୍ଡପ ପରିସରରେ ପାରଳା ଭାଜପା ନଗର କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ପାରଳା ନଗର ଭାଜପା ସଭାପତି ଟି.ବସନ୍ତ କୁମାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଭାଜପା ସଭାପତି ତଥା ପାରଳା ବିଧାୟକ କେ.ନାରାୟଣ ରାଓ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସିଦ୍ଧେଶ୍ୱର ମିଶ୍ର, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅରୁଣିମା ସାହୁ, ଜିଲା ଯୁବ ମୋର୍ଚ୍ଚା ସଭାପତି ବାଳକୃଷ୍ଣ ପାତ୍ର (ବାବୁ), ପୌରାଧକ୍ଷା ପ୍ରାର୍ଥିନୀ ରାଜେଶ୍ୱରୀ, ଜିଲା କୃଷକ ମୋର୍ଚ୍ଚା ସଭାପତି କୃପା ପାଲ, ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ, ବରିଷ୍ଠ ଭାଜପା ନେତା ଜଗନ୍ନାଥ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ। ବୈଠକରେ ମୁଖ୍ୟତଃ ପାରଳା ପୌରପରିଷଦର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହେବା ସହ ନଗର ଭାଜପା କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିବା ଏବଂ ଆଗାମୀ ଦିନରେ ସହରରେ ଦଳକୁ ଆହୁରି କିପରି ମଜବୁତ କରିବା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା।

# ସମସ୍ୟା ଘେରରେ କାଶୀନଗର ଏନ୍‌ଏସି

କାଶୀନଗର,୨୧।୧୧


ପଡ଼ିଥିବା ଅଳିଆ ଆବର୍ଜନା

ଗଜପତି ଜିଲାର ଏକମାତ୍ର ଏନଏସି କାଶୀନଗର ସମସ୍ୟା ଘେରରେ ରହିଛି। ବେଶେଷକରି ଡମ୍ପିଂୟାର୍ଡ ସମସ୍ୟାର ସମାଧାନ ହୋଇପାରୁନଥିବା ଯୋଗୁ ଜନ ଅସନ୍ତୋଷ ବଢିବାରେ ଲାଗିଛି। ସହରରେ ଖୁବ ନିକଟବର୍ତ୍ତୀ ଅଞ୍ଚଳରେ ଉକ୍ତ ସ୍ଥାନ ରହିଛି। ସେଠାକାର ଦୁର୍ଗନ୍ଧ ଦ୍ୱାରା ବାୟୁ ପ୍ରଦୂଷିତ ହେଉଛି। ପଲ ପଲ ଘୁଷୁରି ବି ସେଠାରେ ରହୁଛନ୍ତି। ମଶା ପାଦୁର୍ଭାବ ବଢୁଛି। ଡେଙ୍ଗୁ ବ୍ୟାପିବାର ସମ୍ଭାବନା ବୃଦ୍ଧି ପାଉଥିବା ବେଳେ ଏନ୍‌ଏସି ପ୍ରଶାସନ ଡମ୍ପିଂୟାର୍ଡ ଲାଗି ଅନ୍ୟତ୍ର ଜାଗା ବାଛିବା ସକାଶେ ପଦକ୍ଷେପ ନେଉନାହିଁ। ସୂଚନା ଅନୁସାରେ, ବର୍ତ୍ତମାନ ଆବର୍ଜନା ଫିଙ୍ଗା ଯାଉଥିବା ସ୍ଥାନଟି ଏକ ପଟ୍ଟାଜମି ଓ ତାହା ଜଣଙ୍କର ନାମରେ ରହିଛି। ଅନ୍ୟପକ୍ଷରେ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ କାଶୀନଗର ସହର ରାଜପୁର ଗ୍ରାମ ମଧ୍ୟରେ ଥିବା ସରକାର ଜମିକୁ ଡମ୍ପିଂୟାର୍ଡ଼ ରୂପେ ବ୍ୟବହାର କରାଗଲେ ସମସ୍ୟା କମିବ। ତେଣୁ ପ୍ରଶାସନ ଏହି ଦିଗରେ ବିଚାର କରିବା ଉଚିତ। ସେହିପରି ମଶା ପାଦୁର୍ଭାବ ରୋକିବା ପାଇଁ ଧୂଆଁ ଛଡ଼ା ମେସିନ ଥିଲେ ମଧ ତାହା ବ୍ୟବହୃତ ନ ହୋଇ ପଡିରହିଥିବା ଅଭିଯୋଗ ହେଉଛି। ୨ଟି ପୁରୁଣା ଟ୍ରାକ୍ଟର ଇଞ୍ଜିନ ଓ ଡାଲା ୪ ପୁରୁଣା ୱାଟର ଟେଙ୍କର, ଗୋଟିଏ ପାଇଖାନା ଟାଙ୍କି ସଫା କରିବା ମେଶିନ ବିଜୁ କଲ୍ୟାଣ ମଣ୍ଡପ ନିକଟବର୍ତ୍ତୀ ରାସ୍ତା ପାର୍ଶ୍ୱରେ ପଡି ରହି ସହରର ସୌନ୍ଦର୍ଯ୍ୟ ହାନି ଘଟାଉଛି ବୋଲି ମଧ ମତ ପ୍ରକାଶ ପାଇଛି। ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଯୁଥ ମାସ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

ଛତ୍ରପୁର,୨୦।୧୧(ଡି.ଏନ.ଏ.)

ଛତ୍ରପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଯୁଥ ମାସ ସେବା ସଂଘ ଓ ବ୍ରହ୍ମପୁର ଏଲ. ଭି. ପ୍ରସାଦ ଚକ୍ଷୁ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ମା' ରାମାୟାଣାମ୍ମା ସୌଭାଗ୍ୟ କଲ୍ୟାଣ ମଣ୍ଡପ ପରିସରରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦକ ସୟଦ ମୁକ୍ତାରଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରକୁ ଗଞ୍ଜାମ ଅତିରିକ୍ତ ଜିଲାପାଳ(ସାଧାରଣ) ଲୀନା କୁମାରୀ ଖେସ ଓ ଏସ୍‌ପି ବ୍ରିଜେଶ କୁମାର ରଏ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁରର ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୂରୀ, ପ୍ରେସ କ୍ଲବର ସଭାପତି ପ୍ରଶାନ୍ତ କୁମାର ମହାରଣା, କାଉନସିଲର ପ୍ରିତୀଛନ୍ଦା ସାମଲ , ଯୁଥ ମାସ ସେବା ସଂଘ ର ଅଧକ୍ଷ ଡଃ. ବନମାଳି ନେପାକ, ଉପାଧକ୍ଷ କେ.ରମେଶ, ଉପଦେଷ୍ଟା ରାଜେଶ କୁମାର ସାହୁ, ଯୁଗ୍ମ ସମ୍ପାଦକ ତ୍ରିଲୋଚନ ବେହେରାଙ୍କ ସମେତ ସଂଘର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ପୁରୁଷୋତ୍ତମପୁର,୨୧।୧୧(ଡି.ଏନ.ଏ.)

ପୁରୁଷୋତ୍ତମପୁର ବ୍ଲକ ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ ସୋମବାର ସଭାପତି ଅରୁଣ କୁମାର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ବିଜୟ କୁମାର ବେହେରା ଯୋଗଦେଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ବ୍ୟବସ୍ଥା ସହ ସମସ୍ତ କ୍ଷେତ୍ରରେ ଅଗ୍ରାଧିକାର ଦେବାଲାଗି ଗୁରୁତ୍ୱାରୋପ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଭାଟକୁମରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମନୋଜ କୁମାର ଦାଶ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ଓ ଯତ୍ନବାନ ଲାଗି ପରାମର୍ଶ ମାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଷ୍ଟେଟବ୍ୟାଙ୍କ ମ୍ୟାନେଜର ଦାଶରଥି ସେନାପତି, ପୂର୍ବତନ ନଗରପାଳ ବାସୁଦେବ ମହାପାତ୍ର, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ନରସିଂହ ପଣ୍ଡା, ଏ ରାଜୁଗୋପାଳ ରାଓ, ଗୋବିନ୍ଦ ଚନ୍ଦ୍ର ନାହାକ ଯୋଗଦେଇଥିଲେ। ସଂଘର ସମ୍ପାଦକ ପ୍ରଫୁଲ୍ଲ କୁମାର ରଥ ବିବରଣୀ ପାଠ କରିଥିବା ବେଳେ ହରିହର ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିରେ ପୁରୁଷୋତ୍ତମପୁର ଏନ୍‌ଏସି ସମେତ ବିଭିନ୍ନ ଗ୍ରାମମାନଙ୍କରୁ ବହୁ ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ।

# ଓଷ୍ଟା ପକ୍ଷରୁ ଶିଶୁ ଉତ୍ସବ

ଭଞ୍ଜନଗର ୨୧।୧୧(ଡି.ଏନ.ଏ)

ଭଞ୍ଜନଗର ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଶନିବାର ଓଡିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ (ଓଷ୍ଟା) ତରଫରୁ ସଭାପତି ଦିଲ୍ଲୀପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବ୍ଲକ ସ୍ତରୀୟ ଶିଶୁଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ନଗରପାଳ ଗୋପବନ୍ଧୁ ମହାପାତ୍ର, ପ୍ରଫେସର କୃତିବାସ ବିଶ୍ୱାଳ, ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ସାବିତ୍ରୀ ମହିଳା ମହାବିଦ୍ୟାଳୟ ଅଧକ୍ଷ ଡ. ଜୟରାମ ସେନାପତି, ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ଶିକ୍ଷକ ନେତା ରାଜ କୁମାର ସାହୁ, ଓଷ୍ଟା ରାଜ୍ୟ ସମ୍ପାଦକ ବିଜୟ କୁମାର ବେହେରା, ଅଶୋକ କୁମାର ଦଳେଇ, ପଞ୍ଚାୟତ ସମିତି ଉପାଧକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଓଷ୍ଟା ରାଜ୍ୟ ଉପସଭାପତି ସନ୍ତୋଷ ଜେନା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମୀ ଶୂଳପାଣି ଶତପଥୀ, ଗୁରିମୂର୍ତ୍ତି ନାୟକ, ଅଶୋକ କୁମାର ସ୍ୱାଇଁ, ହେମନ୍ତ କୁମାର ତ୍ରିପାଠୀ ବେଲଗୁଣ୍ଠା, ଜଗନ୍ନାଥ ପ୍ରସାଦ ବ୍ଲକ ସଭାପତି, ସମ୍ପାଦକଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଦିଆଯାଇଥିଲା। ଛାତ୍ରୀ ମୋନାଲିସା ସାବତ ପ୍ରାରମ୍ଭିକ ସଂଗୀତ ଗାନ କରିଥିବା ବେଳେ ସମ୍ପାଦକ ଗୌରୀନନ୍ଦନ ହୋତା ବିବରଣୀ ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପ୍ରଶଂସା ପତ୍ର ସହ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

# ଆର୍ଯ୍ୟପଲ୍ଲୀ ଜେଟିରେ ବିଶ୍ୱ ମତ୍ସ୍ୟ ଦିବସ

ଛତ୍ରପୁର,୨୧।୧୧(ଡି.ଏନ.ଏ)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଛତ୍ରପୁର ବ୍ଲକ ଆର୍ଯପଲ୍ଲୀସ୍ଥିତ ଗୋପାଳପୁର ବନ୍ଦର ପରିସରରେ ଥିବା ଜେଟି ନିକଟରେ ପ୍ରଥମ ଥର ପାଇଁ ଆର୍ଯ୍ୟପଲ୍ଲୀ ମତ୍ସ୍ୟଜୀବୀ କମିଟି ପକ୍ଷରୁ ବିଶ୍ୱ ମତ୍ସ୍ୟଜିବୀ ଦିବସ ପାଳିତ ହୋଇଯାଇଛି। ଅଞ୍ଚଳର ମତ୍ସ୍ୟଜାବୀ ମାନେ ଏହି ଦିବସ ସମ୍ପର୍କରେ ପୂର୍ବରୁ ଅବଗତ ନଥିଲେ। କମିଟି ପକ୍ଷରୁ ଏହି ଦିବସକୁ ମହା ସମାରୋହରେ ପାଳନ କରାଯାଇଥିବାରୁ ଆୟୋଜକମାନଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ସାନ ଆର୍ଯ୍ୟପଲ୍ଲୀ ଗ୍ରାମ୍ୟ କମିଟିର ସମ୍ପାଦକ ଏନ. ଗୋପାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସହକାରୀ ମତ୍ସ୍ୟ ଅଧିକାରୀ (ଛତ୍ରପୁର) ବିଶ୍ୱ ଭୂଷଣ ଜେନା, ସ୍ଥାନୀୟ ସରପଞ୍ଚ ତ୍ରିଲୋଚନ ବେହେରା, ଛତ୍ରପୁର ପ୍ରେସ କ୍ଲବର ସଭାପତି ପ୍ରଶାନ୍ତ କୁମାର ମହାରଣା, ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ସବ ଇନିସପେକ୍ଟର ଏ.ଏନ.ଏମ ରାଓ, ସାନ ଆର୍ଯ୍ୟପଲ୍ଲୀ ଗ୍ରାମ୍ୟ କମିଟିର ସଭାପତି ଏମ୍. କାମରାଜୁ, ବଡ ଆର୍ଯ୍ୟପଲ୍ଲୀ ଗ୍ରାମ୍ୟ କମିଟି ସଭାପତି ଇ. ସୁରେନ୍ଦ୍ର, ସମ୍ପାଦକ ଜି. ଭେଙ୍କେଟ, ଏଲ୍. ଗୁଣ୍ଡିଚା ପ୍ରମୁଖ ଯୋଗ ଦେଇ ମତ୍ସ୍ୟ ଦିବସ ସମ୍ପର୍କରେ କହିବା ସହ ମତ୍ସ୍ୟଜୀବୀମାନଙ୍କ ହିତ ନିମନ୍ତେ ବିଭିନ୍ନ ପରାମର୍ଶ ଦେଇଥିଲେ। ଯୁବନେତା ଏନ୍. ଦୀନବନ୍ଧୁ ଅଞ୍ଚଳର ମତ୍ସ୍ୟଜଜୀବୀମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୂର୍ବରୁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ଆଧୁନିକ ଧରଣର ମତ୍ସ୍ୟ ଜେଟିକୁ ଏଠାରେ ତୁରନ୍ତ ନିର୍ମାଣ କରିବା, ମତ୍ସ୍ୟଜୀବୀ (ନୋଳିଆ) ସମ୍ପ୍ରଦାୟ ଲୋକଙ୍କୁ ଅନୁସୂଚିତ ଜାତିର ମାନ୍ୟତା ପ୍ରଦାନ କରିବା ଆଦି ଦାବି ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ କମିଟି ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏମ.ଦିଲୀପ, ଏନ.କ୍ରିଷ୍ଣା, ଜି.ମୋହନ , ଏ.କାଳିଆଙ୍କ ସମେତ ପଞ୍ଚାୟତର ବହୁ ମତ୍ସ୍ୟଜୀବୀ ଯୋଗଦେଇଥିଲେ ।

## ଅଖିଳ ଭାରତ ଛାତ୍ର ସଂଘର ନୂତନ ଶାଖା ଗଠନ

ଦିଗପହଣ୍ଡି,୨୧।୧୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ସ୍ଥିତ ରାମଜୀ କଲେଜର ଛାତ୍ରୀଛାତ୍ରମାନଙ୍କୁ ନେଇ ଅଖିଳ ଭାରତ ଛାତ୍ର ସଂଘର ଏକ ନୂତନ ଶାଖା ଗଠନ କରାଯାଇଛି। ଯୁକ୍ତ ୩ ଶ୍ରେଣୀର ଛାତ୍ର ସୌମେନ୍ଦ୍ର ମହାଙ୍କୁଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଖିଳ ଭାରତ ଛାତ୍ର ସଂଘର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା, ଅଖିଳ ଭାରତ ଛାତ୍ର ସଂଗଠନର ପୂର୍ବତନ ରାଜ୍ୟ ସମ୍ପାଦକ ଜୟନ୍ତ ଦାସ, ପୂର୍ବତନ ଛାତ୍ର ନେତା ଅଳକ ନାଥ ମିଶ୍ର ଓ ବରିଷ୍ଠ ବାମପନ୍ଥୀ ନେତା ବୃନ୍ଦାବନ ପଣ୍ଡା ଯୋଗଦେଇ ସାମ୍ପ୍ରତିକ ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ଓ ନୂତନ ଶିକ୍ଷାନୀତି ୨୦୨୦ ନାମରେ ଯେଉଁ ଭଳି କର୍ପୋରେଟ କରଣ ଓ ସାମ୍ପ୍ରଦାୟିକ କରଣ କରିବାକୁ ପ୍ରୟାସ କରିଛନ୍ତି। ଶିକ୍ଷାକୁ ଅଧିକାର ବଦଳରେ ବ୍ୟବସାୟ କରଣ କରିଚାଲିଛନ୍ତି ସେଥିରୁ ମୁକୁଳିବା ପାଇଁ ସମଗ୍ର ଛାତ୍ର ସମାଜ ସଚେତନ ଓ ସଙ୍ଗଠିତ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଉପସ୍ଥିତ ଛାତ୍ରମାନେ ଅଧିକ ସଂଗଠିତ ହୋଇ କାର୍ଯ୍ୟ କରିବାକୁ ପ୍ରତିଜ୍ଞାବଦ୍ଧ ହୋଇ ଏକ ୫ ଜଣିଆ ଆବାହକ ମଣ୍ଡଳୀ ଗଠନ କରାଯାଇଥିଲା। ସେମାନେ ହେଲେ ସୌମେନ୍ଦ୍ର ମହାଙ୍କୁଡ ଆବାହକ, ଶ୍ରୀତମ କୁମାର ଗୌଡ଼ ଓ କାଳିଆ ବେହେରା ଉଭୟେ ସହଯୋଗୀ ଆବାହକ ସାଙ୍ଗକୁ କେ. ବଳରାମ ପାତ୍ର ଓ ସଂଗ୍ରାମୀ ବିଷୋୟୀ ସଦସ୍ୟ ରୂପେ ନିର୍ବାଚିତ ହୋଇଛନ୍ତି। ସଂଗଠନର ଅଭିବୃଦ୍ଧି ସହିତ ଆଗାମୀ ମାସରେ ଭିଷ୍ମଗିରିଠାରେ ଏକ ପରିବର୍ଦ୍ଧିତ ସମ୍ମିଳନୀ ଅନୁଷ୍ଠିତ କରିବାକୁ ସଭାରେ ସ୍ଥିର କରାଯାଇଛି।

## ମୁଣ୍ଡରେ ମାଂସ ପିଣ୍ଡୁଳା ଥିବା ଶିଶୁ ମୃତ

ପାତ୍ରପୁର,୨୧।୧୧(ଡି.ଏନ.ଏ.)

ପାତ୍ରପୁର ବ୍ଲକ ବାଘଲଟି ଜଳଭଣ୍ଡାର ଉପରେ ଥିବା ଚରିଆବାଡ ଗ୍ରାମର ଲଳିତା ପ୍ରଧାନଙ୍କ ଜନ୍ମିତ ଅଦ୍ଭୁତ ଶିଶୁକନ୍ୟାର ସୋମବାର ମୃତ୍ୟୁ ହୋଇଛି। ଗତ ଦଶ ଦିନ ତଳେ ଘରେ ଶିଶୁ କନ୍ୟା ଜନ୍ମ ହୋଇଥିବା ବେଳେ ଶିଶୁଟିର ମୁଣ୍ଡରେ ଏକ ମାଂସ ପିଣ୍ଡୁଳା ଥିଲା ଯାହାକୁ ନେଇ ପରଦିନ ଜଳଭଣ୍ଡାର ପାରହୋଇ ଶିଶୁକୁ ପାତ୍ରପୁର ଡାକ୍ତର ଖାନାକୁ ନେଇ ଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବ୍ରହ୍ମପୁର ଡାକ୍ତର ଖାନାକୁ ପଠାଯାଇ ପରେ କଟକ ପଠାଯାଇଥିଲା। ତେବେ ଆର୍ଥିକ ଅବସ୍ଥା ଠିକ ନଥିବାରୁ ପରିବାର ଲୋକ ଶିଶୁଟିକୁ ଗ୍ରାମକୁ ଫେରାଇ ଆଣିଥିଲେ। ଯାହାକୁ ନେଇ ସେହିଦିନ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଶାସନ ପୁଣି କଟକ ନେଇ ଚିକିତ୍ସା କରିଥିଲେ। ପରବର୍ତ୍ତୀ ସମୟରେ ତାକୁ ଭୁବନେଶ୍ୱର ଚିକିତ୍ସା ପାଇଁ ଅଣାଯାଇ ଥିବା ବେଳେ ତାର ମୃତ୍ୟୁ ଘଟିଥିଲା।

## ଲାୟନ୍ସ କ୍ଲବର ଝୋଟି ପ୍ରତିଯୋଗିତା

କବିସୂର୍ଯ୍ୟନଗର,୨୧।୧୧(ଡି.ଏନ.ଏ.)


ଝୋଟି ପ୍ରତିଯୋଗିତା।

କବିସୂର୍ଯ୍ୟନଗର ସରକାରୀ ବାଳିକା ହାଇସ୍କୁଲଠାରେ ଲାୟନ୍ସ କ୍ଲବ ସଭାପତି ଇ. ମାହେଶ୍ୱରୀ ଦୋରାଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନଙ୍କ ମଧ୍ୟରେ ପବିତ୍ର ମାର୍ଗଶିର ମାସରେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଏକ ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ଭାଗ ନେଇଥିଲେ। ସିନିୟର ସତୁରି ଜଣ ଛାତ୍ରୀ ଓ ଜୁନିଅର ୩୦ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତି ବିଭାଗର ଶ୍ରେଷ୍ଠ ପ୍ରଥମ, ଦ୍ୱିତୀୟ, ତୃତୀୟ ସହ ସ୍ୱାନ୍ତନାମୂଳକ ଚାରି ଜଣଙ୍କୁ ମାନପତ୍ର, ସିଲ ଓ ଉପହାର ପ୍ରଦାନ କରିଥିଲେ ଅତିଥି। ଏହି ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ସମ୍ମାନିତ ଅତିଥି ଗୋପବନ୍ଧୁ ଆଇଟିଆଇର ଅଧକ୍ଷ ଇଂ. ଦିଲ୍ଲୀପ କୁମାର ଖଣ୍ଡୁଆଳ, ଡା.ରାଜେନ୍ଦ୍ର ପ୍ରସାଦ ମାଝୀ, ଡା ଅକ୍ଷୟ କୁମାର ମିଶ୍ର, ଡା. ଭାଗିରଥି ଶତପଥୀ, ପ୍ରାକ୍ତନ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମହାପାତ୍ର ଯୋଗଦେଇ ସଫଳ ପ୍ରତିଯୋଗୀଙ୍କୁ ମାନପତ୍ର, ସିଲ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ କୁମୁଦାନନ୍ଦ ପଟ୍ଟନାୟକ, ଲାୟନ ସୁନିତା ମିଶ୍ର, ଲାୟନ ସୁପ୍ରଭା ଶତପଥୀ, ଦୀପକ କୁମାର ଶତପଥୀ ଆଦି ଲାୟନ୍ସ ଉପସ୍ଥିତ ରହି ପ୍ରତିଯୋଗୀଙ୍କ ଉତ୍ସାହ ବଢ଼ାଇଥିଲେ।

## ଏବିଭିପି ପାଳିଲା ଝାନ୍‌ସୀ ରାଣୀଙ୍କ ଜୟନ୍ତୀ

ଫୁଲବାଣୀ ଅଫିସ, ୨୧।୧୧

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) କନ୍ଧମାଳ ଜିଲା ତରଫରୁ ଫୁଲବାଣୀରେ ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କ ଜୟନ୍ତୀ ପାଳନ ହୋଇଛି । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସଙ୍ଗୀତ, ନୃତ୍ୟ, ବକ୍ତୃତା, ଚିତ୍ରାଙ୍କନରେ ୨୦ରୁ ଅଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଅତିଥି ଭାବେ ଅସିତ ନନ୍ଦ, ଗୋପୀନାଥ ରାଉତ, ରମେଶ ଚନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। ରୁଦ୍ର ପ୍ରସାଦ ସେଠୀ ଏବଂ ଛାତ୍ରୀ ପ୍ରମୁଖ ତଅପୋଇ କହଁର ବିଦ୍ୟାର୍ଥୀ ପରିଷଦର ଲକ୍ଷ୍ୟ ଓ ଆଦର୍ଶ ବିଷୟରେ ନିଜର ଅଭିଭାଷଣ ରଖିଥିଲେ।

# ଏଙ୍ଗାରସିଂ ପଞ୍ଚାୟତରେ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି

ରାୟଗଡ଼(ଗଜପତି),୨୧।୧୧



ସଂଯୁକ୍ତ ଜନ ଅଭିଯୋଗ ଶୁଣାଣିରେ ପଟ୍ଟା ପ୍ରଦାନ କରାଯାଇଛି।

ଗଜପତି ଜିଲା ରାୟଗଡ଼ ବ୍ଲକ ଅଧିନ ଏଙ୍ଗାରସିଂ ପଞ୍ଚାୟତ କାର୍ଯ୍ୟାଳୟଠାରେ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ସହ ଗ୍ରାମ୍ୟ ମୁଖୀ ପ୍ରଶାସନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜା ରଞ୍ଜିତ ପ୍ରତାପ ବଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଲିଙ୍ଗରାଜ ପଣ୍ଡା ଯୋଗଦେଇ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ମୋଟ ୬୦ ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ୨୭ଟି ସାମୁହିକ ସମସ୍ୟା ଥିବା ବେଳେ ୩୩ ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ସେଥିରୁ ୨୦ ଅଭିଯୋଗର ତ୍ୱରିତ ପଦକ୍ଷେପ ନିଆଯାଇଥିଲା। ବିଶେଷକରି ବ୍ୟକ୍ତିଗତ ଭାବେ ଇନ୍ଦିରାଆବାସ ଯୋଜନା, ଭତ୍ତା, ଘରଡ଼ିହ ପଟ୍ଟା ପ୍ରଦାନ, ରାଶନକାର୍ଡ ଆଦି ରହିଥିବା ବେଳେ ରାସ୍ତା ନିର୍ମାଣ, ପାନୀୟ ଜଳ ସମସ୍ୟା, ବିଶ୍ରାମାଗାର ନିର୍ମାଣ ଆଦି ସାମୁହିକ ସମସ୍ୟା ଥିଲା। ବିଭିନ୍ନ ଅଭିଯୋଗ ଉପସ୍ଥାପିତ ହୋଇଥିବା ବେଳେ ସମସ୍ତ ସମସ୍ୟାର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣିରେ ଜିଲା ଆରକ୍ଷୀ ଅଧିକ୍ଷକ ଜୟରାମ ଶତପଥୀ, ପିଏଆଇଟିଡ଼ିଏ, ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧକ୍ଷ ଜ୍ୟୋତି ପ୍ରସାଦ ପାଣି, ଜିଲା ପରିଷଦ ସଭ୍ୟ ପିତାମ୍ବର ନାୟକ, ସଭ୍ୟା ଗୌତମୀ ଜାନି ଏବଂ ଜିଲାର ବିଭିନ୍ନ ବିଭାଗର ଜିଲା ଓ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣି ଅବସରରେ ଜିଲାପାଳ ୨୧ ଜଣଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଏହା ସହ ବରିଷ୍ଠ ନାଗରିକମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀମାନଙ୍କୁ କମଳ ବଣ୍ଟନ କରାଯାଇଥିଲା। ମତ୍ସ୍ୟ ବିଭାଗ ତରଫରୁ ବ୍ଲକର ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ଚେକ୍ ବଣ୍ଟନ କରାଯାଇଥିଲା। ରାୟଗଡ଼ ବ୍ଲକର ଉପାନ୍ତ ଅଞ୍ଚଳ ଭାବେ ପରିଚିତ ଉକ୍ତ ଗ୍ରାମକୁ ୨୦୦୨ରେ ତତ୍କାଳୀନ ଜିଲାପାଳ ସଞ୍ଜୟ ସିଂ ଆସିଥିବା ବେଳେ ଦୀର୍ଘ କୋଡ଼ିଏ ବର୍ଷ ପରେ ଜିଲାପାଳ ପହଞ୍ଚି ଅଭିଯୋଗ ଶୁଣାଣି କରିଥିବାରୁ ଅଞ୍ଚଳବାସୀ ବହୁତ ଖୁସି ବ୍ୟକ୍ତ କରିଥିଲେ।

## ଅଭିଯୋଗ ଶୁଣାଣି ଶିବିର

ଭଞ୍ଜନଗର,୨୧।୧୧(ଡି.ଏନ.ଏ)

ଭଞ୍ଜନଗର ଉପଖଣ୍ଡ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଥିଲା । କିନ୍ତୁ ଜିଲାପାଳ କାର୍ଯ୍ୟବ୍ୟସ୍ତତା ଥିବା ଯୋଗୁ ତାଙ୍କରି ସ୍ଥାନରେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭି. କିର୍ତ୍ତିଭାସନ ଯୋଗଦେଇ ଉପଖଣ୍ଡର ବିଭିନ୍ନ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ସେ ଏହାପୂର୍ବରୁ ଜଙ୍ଗଲ ଜମି ପଟ୍ଟା, ହିତାଧିକାରୀମାନଙ୍କୁ ହ୍ୱିଲ ଚେୟାର ପ୍ରଦାନ କରିଥିଲେ । ଅଭିଯୋଗ ଶୁଣାଣି ସମୟରେ ଉପ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ବିଡ଼ିଓ ଶଶିଭୂଷଣ ମହାପାତ୍ର, ତହସିଲଦାର ଅଚ୍ୟୁତାନନ୍ଦ ଜାନି, ଏସ୍‌ଡ଼ିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ସହାୟକ ଜିଲାପାଳ ସୁନନ୍ଦ ଶେଖର ସାହାଣୀ, ଅଞ୍ଜଳୀ ମାଝୀ, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ମୋଟ ୨୨୮ଟି ଅଭିଯୋଗ ଆସିଥିଲା । ସେଥିମଧ୍ୟରେ ବାରୁଡ଼ା ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ଯୋଜନାରେ ଦୁର୍ନୀତୀ, ଗୋବରାରେ ଅତିରିକ୍ତ ତହସିଲଦାର କାର୍ଯ୍ୟାଳୟ ଖୋଲିବା ପ୍ରମୁଖ ଦାବି ରହିଥିଲା ।


ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

## ଆଜି କ'ଣ କେଉଁଠି

ବ୍ରହ୍ମପୁର
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ସମାରୋହ। ସ୍ଥାନ– ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ। ସମୟ–ପୂର୍ବାହ୍ନ ୮ଟା

## ଶିଶୁକୁ ପୋଷ୍ୟ ଗ୍ରହଣ କଲେ ଇଟାଲି ଦମ୍ପତି

**ପାରଳାଖେମୁଣ୍ଡି,୨୧।୧୧(ଡି.ଏନ.ଏ):** ଗଜପତି ଜିଲାର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ୩୩ତମ ଶିଶୁକୁ ଜିଲାପାଳ ଲିଙ୍ଗରାଜ ପଣ୍ଡା ପୋଷ୍ୟ ସନ୍ତାନ ଭାବେ ଇଟାଲିର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ପ୍ରାୟ ୫ବର୍ଷ ତଳେ ଏହି ଶିଶୁପୁତ୍ରକୁ ମୋହନା ଅଞ୍ଚଳରୁ ଅସହାୟ ଅବସ୍ଥାରେ ଜିଲା ଶିଶୁ ସୁରକ୍ଷା ୟୁନିଟ ଏବଂ ଚାଇଲ୍ଡଲାଇନ ଉଦ୍ଧାର କରିଥିଲା। ତାକୁ ଡ଼େ଼ ଷ୍ଟାର୍ ହୋମ, ଜରଉ, ମୋହନା ଶିଶୁ ଯତ୍ନ ଅନୁଷ୍ଠାନରେ ରଖି ଜିଲା ପ୍ରଶାସନ ସମସ୍ତ ଯତ୍ନ ଏବଂ ସୁରକ୍ଷା ଦେଇ ଆସୁଥିଲା। ଶିଶୁଟିର ବାପାଙ୍କ ଦେହାନ୍ତ ପରେ ମା' ଅନ୍ୟତ୍ର ପଳାଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ହସ୍ତକ୍ଷେପ ପରେ ମା' ଶିଶୁ ମଙ୍ଗଳ ସମିତି ଆଗରେ ପୁଅକୁ ସମର୍ପିତ କରିଥିଲେ। ପରେ ଶିଶୁ ମଙ୍ଗଳ ସମିତି ଶିଶୁକୁ ଆଇନତଃ ମୁକ୍ତ ଭାବେ ପ୍ରାୟ ଚାରିବର୍ଷ ହେଲା ଘୋଷଣା କରିଥିଲେ। ପାରଳାଖେମୁଣ୍ଡି ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ସାଲୋମ ମାଧମରେ ପୁଅଟିକୁ ପୋଷ୍ୟ ସନ୍ତାନ ନିମନ୍ତେ କେନ୍ଦ୍ରୀୟ ପୋଷ୍ୟ ସମ୍ବଳ କେନ୍ଦ୍ରର ପୋର୍ଟାଲରେ ଅପଲୋଡ଼ କରାଯାଇଥିଲା। ୪ ବର୍ଷ ଧରି ଏକ ପୋଷ୍ୟ ସନ୍ତାନ ପାଇଁ ଅନଲାଇନ ମାଧମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଇଟାଲି ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଆବଶ୍ୟକ ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପ୍ରସ୍ତୁତ କରିଥିଲେ। ସମସ୍ତ ଦସ୍ତାବିଜକୁ ଜିଲାପାଳ ଏବଂ କୋର୍ଟ ଯାଞ୍ଚ କରିବା ପରେ ଶିଶୁଟିକୁ ଇଟାଲି ଦମ୍ପତିଙ୍କୁ ହସ୍ତାନ୍ତର କରିଦିଆଯାଇଛି।

## ଓଜେଏସ୍ ପରୀକ୍ଷାରେ କୃତିତ୍ୱଙ୍କୁ ସମ୍ବର୍ଦ୍ଧନା

**ପାରଳାଖେମୁଣ୍ଡି,୨୧।୧୧(ଡି.ଏନ୍.ଏ.):** ଓଡ଼ିଶା ଜୁଡିସିଆଲ ସର୍ଭିସ (ଓଜେଏସ୍) ପରୀକ୍ଷାରେ କୃତୀତ୍ୱ ହାସଲ କରିଥିବା ନୂଆଗଡ଼ ବ୍ଲକ ଗୋଲି ଗ୍ରାମର ସାଧକ କାର୍ଯୀଙ୍କୁ ଗଜପତି ଜିଲା ପାରଳାଖେମୁଣ୍ଡି ସହରର ରାମନଗରଠାରେ ଥିବା ହାଇଟେକ ପ୍ଲାଜାରେ ସମ୍ବର୍ଦ୍ଧିତ କରାଯାଇଛି। ସୋମବାର ଏନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହାଇଟେକ ଗ୍ରୁପର ଅଧକ୍ଷ ଡ. ତିରୁପତି ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ସାଧକଙ୍କ ଏହି କୃତୀତ୍ୱକୁ ପାଇଁ ଗଜପତି ଗର୍ବିତ ବୋଲି କହିବା ସହ ଉତ୍ତରୀୟ ଦେଇ ତାଙ୍କୁ ସମ୍ମାନିତ କରିଥିଲେ। ଗୋଲି ଗ୍ରାମର ସାଧକ ଆଦିବାସୀ ଅଧୁଷିତ ନୂଆଗଡ ବ୍ଲକ ଗୋଲି ଗ୍ରାମର ଏକ ଗରିବ ପରିବାରର ହୋଇଥିଲେ ହେଁ ପାଠ ପଢା ପ୍ରତି ଯତ୍ନବାନ ହୋଇ ଭୁବନେଶ୍ୱରର କିଟ୍ ଶିକ୍ଷାନୁଷ୍ଠାନରେ ଶିକ୍ଷା ଲାଭ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲାପରିଷଦ ସଭାପତି ଜି.ତିରୁପତି ରାଓ, ଆର୍ଏମସିଏସ ସଭାପତି ଏସ୍.ଗଜପତି ରାଓ, ପୂର୍ବତନ ଜିଲାପରିଷଦ ସଭ୍ୟ ଜେମ୍ସ ରାଇକା, ହାଇଟେକ ଗ୍ରୁପ୍ର କ୍ରୀଡ଼ା ନିର୍ଦ୍ଦେଶକ ଲଳିତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ରାଗିଂ ବନ୍ଦ ଦାବିରେ ପ୍ରତିବାଦ



କମାପଲୀ ଛକରେ ପ୍ରତିବାଦ।

**ବ୍ରହ୍ମପୁର ଅଫିସ,୨୧।୧୧**

### ଏସ୍‌ପିଙ୍କୁ ସ୍ମାରକପତ୍ର

ଶିକ୍ଷାନୁଷ୍ଠାନରେ ରାଗିଂ ବନ୍ଦକରିବା ଦାବିରେ ଏସ୍ଏଫ୍ଆଇ (ଷ୍ଟୁଡେଣ୍ଟ ଫେଡେରଶନ ଅଫ ଇଣ୍ଡିଆ)ଓ ଡିୱାଇଏଫ୍ଆଇ (ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେଶନ) ପକ୍ଷରୁ କମାପଲୀଠାରେ ପ୍ରତିବାଦ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି, ବର୍ତ୍ତମାନ ବିଭିନ୍ନ ଶିକ୍ଷାନୁଷ୍ଠାନରେ ରାଗିଂ ବୃଦ୍ଧି ପାଇଛି। ଏଥିରେ ଛାତ୍ରୀମାନେ ବହୁ ମାତ୍ରାରେ ଏହାର ଶୀକାର ହେଉଛନ୍ତି। ଫଳରେ ନିରୀହ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଓ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି ବୋଲି ସଂଘ କହିଛି। ଏଣୁ ରାଗିଂ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉଭୟ ସଂଘ ପକ୍ଷରୁ ଦୃଢ ଦାବି କରାଯାଇଛି। ଏଥିସହ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଆଣ୍ଟି ରାଗିଂ କମିଟି ଗଠନ, ୨୦୦୯ ୟୁଜିସି ଗାଇଡ୍ ଲାଇନ୍ କାର୍ଯ୍ୟକାରୀ, ଛାତ୍ର ଓ ଅଭିଭାବକଙ୍କ ଶୁଣିବା ପାଇଁ ବ୍ୟବସ୍ଥା ଏବଂ ରାଗିଂର ଛାତ୍ରୀଛାତ୍ରଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ଏଥିସହ ସଂଘ ପକ୍ଷରୁ ବ୍ରହ୍ମପୁର ଏସପିଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ଏ ନେଇ ଏସପି ଡ.ଶ୍ରବଣା ବିବେକ ଏମ ରାଗିଂ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିବାଦରେ ଯୁବନେତା ଗୋକୁଳ ତ୍ରିପାଠୀ, ଲୋକନାଥ ଖୁଣ୍ଟିଆ, ରଞ୍ଜନ ପାତ୍ର, ତ୍ରିଲୋଚନ ପ୍ରଧାନ, ଅଜିତ ପାଣିଗ୍ରାହୀ, ଶ୍ରୀଧର ସ୍ୱାଇଁ, ଅଜୟ ଗୌଡ, ଛାତ୍ର ନେତା ଚନ୍ଦନ ସ୍ୱାଇଁ ଓ ଅସୀମ ଜ୍ୟୋତି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଅନୁକମ୍ପା ରାଶି ମିଳିବ କହି ଲୁଟ୍

### ଅଭିଯୋଗକାରୀ ଫେରି ପାଇଲେ ଲୁଟ୍ ସୁନାଗହଣା

**ପୋଲସରା,୨୧।୧୧(ଡି.ଏନ.ଏ.)**

ସରକାରୀ ଅନୁକମ୍ପା ରାଶି ମିଳିବ କହି ୩ ପରିବାରଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୋଲସ ପ୍ରଶାସନ ପକ୍ଷରୁ ଏକ ସୁଚିନ୍ତିତ ଏକ ବ୍ଲୁପ୍ରିଣ୍ଟ ତିଆରି କରାଯାଇ ଗତ ୧୮ ତାରିଖରେ ଠକାମୀର ମାଷ୍ଟର ମାଇଣ୍ଡ ଜ୍ଞାନରଂଜନ ଦାସକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଠକାମୀର ଶିକାର ହୋଇଥିବା ପୋଲସରା ଅଞ୍ଚଳର ତିନି ପରିବାର ନିଜେ ନିଜର ସୁନାଗହଣା ସମେତ ଦୁଇ ହଜାର ଟଙ୍କା ଫେରସ୍ତ ପାଇଥିବା ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ସୂଚନା ପ୍ରଦାନ କରିଛନ୍ତି।

ପୋଲସ ସୂଚନା ପ୍ରକାରେ, ଗତ ଜୁଲାଇ ୨୭ରେ ବଡ–ପଙ୍କଳବାଡି ଗ୍ରାମର ବିଜ୍ଞାନୀ ବେହେରା ବାପଘର ପୋଲସରା ଖଣ୍ଡିଆ ସାହିକୁ ଆସିଥିଲେ। ଅଭିଯୁକ୍ତ ଜ୍ଞାନ ରଞ୍ଜନ ସେଠାରେ ପହଞ୍ଚି ତୁମର ଘର ବାତ୍ୟା କ୍ଷତିଗ୍ରସ୍ତଙ୍କ ତାଲିକାରେ ଅଛି। ସରକାରଙ୍କ ଦ୍ୱାରା ଘର ତିଆରି ପାଇଁ ୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା କହିଥିଲେ। ମୋତେ ୨୫ ହଜାର ଟଙ୍କା ଦେଲେ ମୁଁ ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ଅନୁମୋଦନ କରାଇ ଦେବି। କିନ୍ତୁ ବିଜ୍ଞାନୀ ଘରେ ଟଙ୍କା


ଜବତ ଟଙ୍କା ଓ ସୁନା ଅଳଙ୍କାର।

ନଥିବା କଥା କହିଥିଲେ। ଟଙ୍କା ବଦଳରେ ସୁନା ଦେଲେ ବ୍ୟାଙ୍କରେ ତମକୁ ତିନି ଲକ୍ଷ ଟଙ୍କା ମିଳିବ କହି ବିଜ୍ଞାନୀଙ୍କ ନିକଟରୁ ସୁନା ଅଳଙ୍କାର ସହିତ ଦୁଇ ହଜାର ଟଙ୍କା ନଗଦ ଅର୍ଥ ଧରି ଘଟଣାସ୍ଥଳରୁ ଗାୟବ ହୋଇଯାଇଥିଲା। ବିଜ୍ଞାନୀ ସଂପୃକ୍ତ ଅଭିଯୁକ୍ତଙ୍କୁ ଖୋଜି ପାଇନଥିଲେ। ଏନେଇ ପୋଲସରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୯୮/୨୨ରେ ଏକ ମାମଲା ରୁଜୁ କରିଥିଲା। ସମାନ ଢଙ୍ଗରେ ତିନି ମାସ ପରେ ସେହି ଅଭିଯୁକ୍ତ ଜ୍ଞାନ ରଞ୍ଜନ ଆଉ ଦୁଇଟି ଟାର୍ଗେଟ୍ କରିଥିଲେ। ୨୬ ଅକ୍ଟୋବର ଖଣ୍ଡୁରୁ ପଞ୍ଚାୟତର କୋଙ୍କରଡ଼ା ଗ୍ରାମର ଜୀନତି ଖଟୁଆ ଠକାମିର ଶିକାର ହୋଇଥିଲେ। ସେହିପରି ଲୁଣିଘାଟି କେଉଟ ସାହିର ସଞ୍ଜୟ ବେହେରା ଠକାମିର ଶିକାର ହୋଇଥିଲେ। ଅଭିଯୁକ୍ତ ଜଣକ ଉଭୟଙ୍କୁ ତିନିଲକ୍ଷ କୋଡ଼ିଏ ହଜାର ଟଙ୍କାର ଅର୍ଥରାଶି କରାଇ ଦେବି କହି ୨୪ ହଜାର ଟଙ୍କା ମାଗିଥିଲେ। ବଦଳରେ କୋଙ୍କରଡ଼ା ଗ୍ରାମର ଜୀନତିଙ୍କ ନିକଟରୁ ହଳେ ସୁନା କାନଫୁଲ ଓ ଲୁଣିଘାଟି କେଉଟ ସାହିର ସଞ୍ଜୟ ବେହେରାଙ୍କ ନିକଟରୁ ଗୋଟିଏ ସୁନା ଚେନ୍ ନେଇ ଗାୟବ ହୋଇଯାଇଥିଲା। ଏ ନେଇ ପୋଲସରା ଥାନାରେ କୋଙ୍କରଡ଼ା ଗ୍ରାମର ଜୀନତିଙ୍କ ଅଭିଯୋଗ କ୍ରମେ ୪୫୩/୨୨ ଓ ଲୁଣିଘାଟି କେଉଟ ସାହିର ସଞ୍ଜୟ ବେହେରାଙ୍କ ଲିଖିତ ଏତଲା କ୍ରମେ ୪୫୪/୨୨ ନଂରେ ଦୁଇଟି ପୃଥକ୍ ମାମଲା ରୁଜୁ କରାଯାଇଥିଲା। ସଂପୃକ୍ତ ଅଭିଯୁକ୍ତ ଜଣକ ପୋଲସରା ଥାନା ଅଞ୍ଚଳ ସମେତ କୋଦଳା ଅଞ୍ଚଳରେ ମଧ୍ୟ ସମାନ ଧରଣର ଲୁଟ୍ କରିଥିଲେ। ଗଞ୍ଜାମ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ପୁରୁଷୋତ୍ତମପୁର ପୋଲିସ ଏକ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଥିଲା। ଚଳିତ ମାସ ୧୮ ତାରିଖରେ ସଂମୃକ୍ତ ଅଭିଯୁକ୍ତ ଜ୍ଞାନ ରଞ୍ଜନ ଦାସକୁ ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ଥାନା ଗୋପାଳପୁର ଗ୍ରାମରୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୋଲସରା ଥାନା ଅଞ୍ଚଳରେ ହୋଇଥିବା ଲୁଟ୍ ସୁନା ଅଳଙ୍କାରକୁ ପୋଲସରା ଥାନା ପୋଲିସ ଜବତ କରିଛି।

## ଡକାୟତି ଯୋଜନା ପଣ୍ଡ

### ୬ ଗିରଫ, ଖଣ୍ଡା ଓ ବୋମା ଜବତ

**ବ୍ରହ୍ମପୁର ଅଫିସ,୨୧।୧୧**

ବ୍ରହ୍ମପୁର ବଡବଜାର ପୋଲିସ ଏକ ଡକାୟତି ଯୋଜନା ପଣ୍ଡ କରିଛି। ୬ ଜଣ ପେଷାଦାର ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନାମରେ ଏକାଧିକ ସଙ୍ଗୀନ ମାମଲା ରହିଥିବା ଜଣାପଡିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଇନାବନ୍ଧସାହିର ରମେଶ ଦାସ ଓରଫ କଙ୍କଡା (୩୭), ବନ୍ଧପଲିର ହୀନ ଦାସ(୪୫), ମାଧବ ଗୌଡ଼ ଓରଫ କାଳିଆ (୩୦), ହରିଡାଖଣ୍ଡିର ଭଗବାନ ରେଡ୍ଡୀ(୫୧), ଆସ୍କାରୋଡ ଶାର୍ଗୁଣାସାହିର କାହ୍ନା ପାଢ଼ୀ(୨୫) ଓ ଲକ୍ଷ୍ମୀନୃସିଂହସାହିର ସୀମାଞ୍ଚଳ ନାୟକ(୩୦)। ପୋଲିସକୁ ଚକମା ଦେଇ ଘଟଣାସ୍ଥଳରୁ କେତେକ ଅଭିଯୁକ୍ତ ଫେରାର ହୋଇଯାଇଥିବା ପୋଲିସ କହିଛି। ପୋଲିସ ଗିରଫ ଅଭିଯୁକ୍ତମାନଙ୍କଠାରୁ ୩ଟି ଖଣ୍ଡା, ୪ଟି ଅଫୁଟା ବୋମା, ମୋବାଇଲ ଫୋନ ଓ ପର୍ସ ଜବତ କରିଥିବା କହିଛି। ମାମଲା ନମ୍ବର ୩୧୩ /୨୨ରେ ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ୨୦ ତାରିଖ ବିଳମ୍ବିତ ରାତିରେ ଗୋଲାଗାଁ ଓ ସୁକୁଣ୍ଡା ମଧ୍ୟରେ ଥିବା ଏକ ନିଛାଟିଆ ସ୍ଥାନରେ କେତେକ ଅସାମାଜିକ ଯୁବକ ଏକତ୍ରିତ ହୋଇଥିବା ନେଇ ପୋଲିସକୁ ଖବର ମିଳିଥିଲା। ବଡବଜାର ଥାନାଧିକାରୀ ପ୍ରଶାନ୍ତ ଭୂପତି ଓ ତାଙ୍କ ଟିମ ରାତ୍ରି କାଳୀନ ପାଟ୍ରୋଲିଂ କରୁଥିବା ବେଳେ ସେମାନେ ଖବର ପାଇ ସେଠାରେ ପହଞ୍ଚିଥିଲେ। ପୋଲିସକୁ ଦେଖି ଦୁର୍ବୃତ୍ତମାନେ ଖସି ପଳାଇବାକୁ ଉଦ୍ୟମ କରିବା ବେଳେ ପୋଲିସ ହାବୁଡ଼ରେ ୬ଜଣ ଧରାପଡିଥିଲେ। ଅନ୍ୟ କେତେକ ଦୁର୍ବୃତ୍ତ ଅନ୍ଧାରର ସୁଯୋଗନେଇ ସେଠାରୁ ଫେରାର ହୋଇଯାଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଜେରା ବେଳେ ସେମାନେ ସୁକୁଣ୍ଡା ଅଞ୍ଚଳରେ ଡକାୟତି ପାଇଁ ଯୋଜନା କରୁଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com


@ ସୁଶାନ୍ତ


@ ବିଦ୍ୟାଭୂଷଣ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଉଭୟ ଗୋଷ୍ଠୀର ୭ ଅଟକ

**ଛତ୍ରପୁର,୨୧।୧୧(ଡି.ଏନ.ଏ)**

### ହୁମର ଗୋଷ୍ଠୀସଙ୍ଘର୍ଷ ଘଟଣା

ଛତ୍ରପୁର ଥାନା ଅଧୀନ ହୁମର ଗ୍ରାମରେ ରବିବାର ରାତିରେ ବଡସାହି ଓ ହରିଜନ ସାହି ମଧ୍ୟରେ ଗୋଷ୍ଠୀ ସଂଘର୍ଷରେ ତିନି ମହିଳାଙ୍କ ସମେତ ୭ଜଣ ଆହତ ହୋଇଥିଲେ । ଏନେଇ ଥାନାରେ ଦୁଇ ପକ୍ଷ ପକ୍ଷରୁ ଏତଲା ପ୍ରକାରେ ଦୁଇଟି ମାମଲା ରୁଜୁ କରିବା ସହ ଘଟଣାର ଅଧିକ ଖୋଲତାଡ କରୁଛି ଛତ୍ରପୁର ପୋଲିସ ।ଏହି ଘଟଣାରେ ଛତ୍ରପୁର ପୋଲିସ ଥାନାରେ ୭ଜଣଙ୍କୁ ଅଟକ ରଖି ଯାଂଚ କରୁଛି । ଛତ୍ରପୁର ଏସଡିପିଓ ଗୌତମ କିଷାନ ଏହି ଘଟଣାର ତଦନ୍ତଭାର ନେବା ସହ କେଉଁ କାରଣ ପାଇଁ ଏହି ଗୋଷ୍ଠୀ ସଂଘର୍ଷ ଘଟିଛି ତଦନ୍ତ ଜାରି ରଖିଛନ୍ତି । ସୂଚନାଯୋଗ୍ୟ, ୩ ଦିନ ତଳେ ଗ୍ରାମରେ ଏକ ଭୋଜିକୁ କେନ୍ଦ୍ରକରି ଦୁଇ ସାହି ମଧ୍ୟରେ ବିବାଦ ଉପୁଜିଥିଲା । ରବିବାର ରାତିରେ ଏହା ଉଗ୍ରରୂପ ଧାରଣ କରିବା ସହ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା ।ଏଥିରେ ୩ ମହିଳାଙ୍କ ସମେତ ୭ଜଣ ଆହତ ହୋଇଥିଲେ । ଆହତମାନଙ୍କୁ ଛତ୍ରପୁର ମେଡିକାଲରେ ଚିକିତ୍ସା କରାଯାଇଥିଲା ।

## ବ୍ରହ୍ମପୁରରେ ସ୍ୱତନ୍ତ୍ର ଜେଏମ୍ଏଫସି କୋର୍ଟ ଉଦ୍‌ଘାଟିତ

**ବ୍ରହ୍ମପୁର ଅଫିସ,୨୧।୧୧**

ଗଞ୍ଜାମ ଜିଲା ଜଜ କୋର୍ଟ ପରିସରରେ ସୋମବାର ଏକ ସ୍ୱତନ୍ତ୍ର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍ଏଫସି) କୋର୍ଟ ଉଦ୍‌ଘାଟିତ ହୋଇଛି। ଏହାକୁ ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଭିଡିଓ କନଫେରେନ୍ସରେ ଉଦ୍‌ଘାଟନ କରିଛନ୍ତି। ସେଠାରେ ଗଞ୍ଜାମ ପ୍ରୋଟୋକଲ ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଉପସ୍ଥିତ ଥିଲେ।

ଅନ୍ୟପଟେ ବ୍ରହ୍ମପୁରରେ ସ୍ୱତନ୍ତ୍ର ଜେଏମ୍ଏଫସି କୋର୍ଟ ଉଦ୍‌ଘାଟନ ସମୟରେ ଜିଲା ଜଜ ଆନନ୍ଦ ଚନ୍ଦ୍ର ବେହେରା, ସିଭିଲ ରେଜିଷ୍ଟ୍ରାର ସୁଶାନ୍ତ କୁମାର ମିଶ୍ରଙ୍କ ସହ ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଓକିଲ ସଂଘ ସଭାପତି କପିଳେଶ୍ୱର ପଟ୍ଟନାୟକ, ସମ୍ପାଦକ ସୁଶୀଲ ତ୍ରିପାଠୀ ମଧ ଉପସ୍ଥିତ ଥିଲେ। ଛତ୍ରପୁରର ଜେଏମ୍ଏଫସି ଥିବା ଜୁଏଲ ପଟ୍ଟନାୟକ ସୋମବାର ବ୍ରହ୍ମପୁରରେ ଖୋଲାଯାଇଥିବା ସ୍ୱତନ୍ତ୍ର ଜେଏମ୍ଏଫସି କୋର୍ଟରେ ମାଜିଷ୍ଟ୍ରେଟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଉକ୍ତ କୋର୍ଟରେ କେବଳ ସଦର ଥାନା, ଗୋପାଳପୁର ଥାନା, ଗୋଳନ୍ଥରା ଥାନା ଓ ମେରାଇନ ଥାନାରେ ରୁଜୁ ହେଉଥିବା ମାମଲା ଗୁଡିକର ବିଚାର କରାଯିବ। ସେହିପରି ଉକ୍ତ କୋର୍ଟରେ ୪ହାଜରରୁ ଉର୍ଦ୍ଧ୍ୱ ମାମଲା ବିଚାର ପାଇଁ ଦିଆଯାଇଛି। ଉକ୍ତ କୋର୍ଟରେ ମାମଲାଗୁଡିକର ପରିଚାଳନା ପାଇଁ ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ଭାବେ ମୋନାଲି ରାଇସାଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି କ୍ୟାଡର ପିପି ତ୍ରିଲୋଚନ ପରିଡାଙ୍କଠାରୁ ସୂଚନା ମିଳିଛି।

# ଭକ୍ତ କବି ରାମଦାସ ସ୍ମୃତି ସମାରୋହ


ଅତିଥିଙ୍କ ଦ୍ୱାରା ପୁସ୍ତକ ଲୋକାର୍ପିତ।

**ବ୍ରହ୍ମପୁର ଅଫିସ,୨୧।୧୧**

କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଭକ୍ତ କବି ରାମଦାସ ସ୍ମୃତି ସମାରୋହ ଓ ସାହିତ୍ୟ ସମାଜର ମୁଖପତ୍ର ସାହିତ୍ୟ ପୁସ୍ତକ ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟ ସମାଜ ସଭାପତି ଡ.ସିଦ୍ଧାର୍ଥ ଶଙ୍କର ପାଢୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗବେଷକ ଡ.କୃଷ୍ଣ କେଶବ ଷଡଙ୍ଗୀ, ବିଶିଷ୍ଟ ବକ୍ତା ଅବସରପ୍ରାପ୍ତ ଅଧକ୍ଷ ଡ.ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଭକ୍ତ କବି ବିପ୍ର ରାମ ଦାସ ସ୍ମାରକୀ ବକ୍ତା ଡ.ବନମାଳୀ ପାଣିଗ୍ରାହୀ ଓ ସାହିତ୍ୟ ସମାଜ ସାଧାରଣ ସମ୍ପାଦକ ଶରତ କୁମାର ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସନ୍ଥ କବି ଭକ୍ତ ରାମ ଦାସ ଅଜ୍ଞାନ ଅନ୍ଧକାରକୁ ଜ୍ଞାନର ଆଲୋକ ଆଡକୁ ଯିବା ପାଇଁ ଦାଢତ୍ୟା ଭକ୍ତିରେ ବର୍ଣ୍ଣନା କରିଥିବା ଅତିଥିମାନେ କହିଥିଲେ।

ଏହି ଅବସରରେ ଓଡିଶାର ଖ୍ୟାତାନାମା ସାହିତ୍ୟିକ ପ୍ରଫେସର ଗଗନେନ୍ଦ୍ର ନାଥ ଦାଶଙ୍କ ଦେହାନ୍ତରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିସହ ଅତିଥିଙ୍କ ଦ୍ୱାରା କଳିଙ୍ଗ ସାହିତ୍ୟ ସମାଜର ମୁଖପତ୍ର ସାହିତ୍ୟ ଓ ଆଡଭାନ୍ସଡ ଷ୍ଟଡି ଫର ସାଉଥ ଓଡିଶା ଦ୍ୱାରା ପ୍ରକାଶିତ ଭକ୍ତ କବି ରାମ ଦାସ ପୁସ୍ତକ ଲୋକାର୍ପିତ ହୋଇଥିଲା। ତତସହିତ ମୁଖ୍ୟ ଅତିଥିଙ୍କୁ ଭକ୍ତ କବି ରାମ ଦାସ ସମାନରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁପ ମିଶ୍ର ଓ ନଳିନୀକାନ୍ତ ଗୌଡ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ୨୦୨୩ ଜୁନ୍‌ରେ ସରିବ ଘଟକେଶ୍ୱର ପ୍ରକଳ୍ପ କାମ

**ଛତ୍ରପୁର,୨୧।୧୧(ଡି.ଏନ.ଏ.)**

### ଗଞ୍ଜାମ ଜିଲାସ୍ତରୀୟ ସେଚ ସମୀକ୍ଷା ବୈଠକ

ଗଞ୍ଜାମ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଜିଲାପାଳ ଦିବ୍ୟଜ୍ୟୋତି ପରିଡା କ୍ଷୁଦ୍ର ଓ ଉଠା ଜଳସେଚନ ପ୍ରକଳ୍ପର ସମୀକ୍ଷା କରିଥିଲେ। ପ୍ରାରମ୍ଭରେ ଇଆଇସି–ତଥା–ସ୍ୱତନ୍ତ୍ର ସଚିବ ମୁକୁଳ ଚନ୍ଦ୍ର ବେହେରା ବର୍ତ୍ତମାନ ଖରିଫ ଫସଲ ଶେଷ ହେବାକୁ ଯାଉଛି। ରବି ଫସଲ ଆରମ୍ଭ ହେବାକୁ ଥିବାରୁ ଜଳସେଚନ ପ୍ରକଳ୍ପଗୁଡିକର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଘଟକେଶ୍ୱର ବହୁମୁଖୀ ପ୍ରକଳ୍ପର କାର୍ଯ୍ୟ ଚାଲୁ ରହିଛି । ଏହା ଜୁନ ୨୦୨୩ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ଜଣାଇଥିଲେ। ଛେଳିଗଡ ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି । ଏହାର ଶାଖା କେନାଲଗୁଡିକର କାର୍ଯ୍ୟ ଜାନୁୟାରୀ ୨୦୨୪ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ଜଣାଯାଇଛି। ହରଭଙ୍ଗୀ ପ୍ରକଳ୍ପର ସମ୍ପ୍ରସାରଣ କାର୍ଯ୍ୟ ମଧ୍ୟ ଚାଲୁରହିଛି। ବନ୍ୟାଜଳ ସହଜରେ ନିଷ୍କାସନ ନିମନ୍ତେ ଟିପିସିରା ନାଳ ଓ ଦେବଭୂମି ହଜର ଉନ୍ନତୀକରଣ କରାଯିବ। ଋଷିକୂଲ୍ୟା, ଧନେଇ, ଘୋଡାହାଡ ଓ ବାହୁଦା ଆଦି ନଦୀଗୁଡିକରେ ଗ୍ରୀଷ୍ମ ଋତୁରେ ଅଳ୍ପ ପରିମାଣ ଜଳ ଥାଏ। ଜିଲାରେ ୧୦୮୫ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରହିଛି। ଅଧିକାଂଶ ପ୍ରକଳ୍ପଗୁଡିକ ବହୁ ପୁରାତନ। ଏଗୁଡିକର ରକ୍ଷଣାବେକ୍ଷଣ ସହ ଜଳ ସଂରକ୍ଷଣ ଉପରେ ଜିଲାପାଳ ପରିଡା ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ପ୍ରକଳ୍ପରେ ୱାଟର ୟୁଜର୍ସ ଆସୋସିଏଶନ( ପାଣି ପଞ୍ଚାୟତ) ଗଠନ କରାଯାଇ କେନାଲଗୁଡିକର ରକ୍ଷଣାବେକ୍ଷଣ ତଦାରଖ କରାଯାଉଛି ବୋଲି ଜିଲାପାଳ କହିଥିଲେ। କ୍ଷୁଦ୍ର ଜଳସେଚନ ଯୋଜନାରେ ୧,୦୫,୨୬୨ ହେକ୍ଟର ଜମି ଜଳସେଚିତ କରାଯାଉଥିବା ବେଳେ ୭୬୦ ଚେକ୍ ଡ୍ୟାମ ଜରିଆରେ ୧୬,୩୦୦ ହେକ୍ଟର ଜଳସେଚନ କରାଯିବ । ବୈଠକରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଡ୍ରେନେଜ ବ୍ୟବସ୍ଥା, ଉଠା ଜଳସେଚନ, ଭୂତଳ ଜଳ ସଂରକ୍ଷଣ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ବ୍ରହ୍ମପୁର ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ତଥା ଅବବାହିକା ପରିଚାଳକ ଇଂ. ଅଶ୍ୱିନୀ କୁମାର ମହାନ୍ତି, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ.ବିଭୁଦତ୍ତ ପଣ୍ଡା, କ୍ଷୁଦ୍ର ଜଳ ସେଚନ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବଂଶଧାରା ନାଗାବଳୀ ଅବବାହିକା,ଇଂ.ନଗେନ୍ଦ୍ର ନାଥ ମହାରଣା, ଡ୍ରେନେଜ୍ ଡିଭିଜନ ନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ଶେଖର ଓ ସମସ୍ତ କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ବିଭାଗ, ଡ୍ରେନେଜ୍ ବିଭାଗ, ଉଠାଜଳସେଚନ ବିଭାଗର ଯନ୍ତ୍ରୀମାନେ ଯୋଗଦେଇଥିଲେ। ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲା ପରିଷଦ ସଭ୍ୟ କୀର୍ତ୍ତି ଭାସନ ଭି ଧନ୍ୟବାଦ ଅର୍ପଣ କରିଥିଲେ ।


ବୈଠକରେ ଜିଲାପାଳ ଓ ଅନ୍ୟମାନେ।

